

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 JUNE 2020

Vol.No. 30 ■ No. 158 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଓଡିଶାରେ ହେବ କରୋନା ଆଂଟିବଡି ଟେଷ୍ଟ

ଭୁବନେଶ୍ୱର ,୨୪।୬ (ନି.ପ୍ର): ଓଡିଶାରେ କରୋନା ଆଂଟିବଡ଼ି ଟେଷ୍ଟ କରାଯିବ । ଏଥିପାଇଁ ଆଇସିଏମଆର ଦ୍ୱାରା ଅନୁମୋଦିତ ଆଂଟିବଡ଼ି ଟେଷ୍ଟ କିଟ୍ ଆସନ୍ତା ସପ୍ତାହରେ ଓଡ଼ିଶା ଆରଏମଆରସିରେ ପହଂଚିବ ବୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସେସ୍ (ଆଇଏଲଏସ୍) ନିର୍ଦ୍ଦେଶକ ଅଜୟ ପରିଡାଙ୍କ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଏ ଯାଏଁ ଓଡିଶାରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ । ଘରକୁ ଘର ହେଉଥିବା ସର୍ଭେରେ ଆଂଟିବଡ଼ି ଟେଷ୍ଟ କିଟ୍ ବ୍ୟବହାର କରାଯିବ । ଆସନ୍ତାକାଲି ଓଡ଼ିଶାରେ କିଭଳି ଟେଷ୍ଟିଂ କରାଯିବ ସେ ନେଇ ଏକ ଯୋଜନା ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ଏବେ ରାଜ୍ୟରେ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ବହୁ କୋଭିଡ-ଯୋଦ୍ଧା ଅଛନ୍ତି । ତେଣୁ ଅଧିକ ସତର୍କ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ସୁସ୍ଥ ହେଲେଣି ୪,୧୨୩ କରୋନା ଆକ୍ରାନ୍ତ

ଭୁବନେଶ୍ୱର ,୨୪।୬ (ନି.ପ୍ର): ରାଜ୍ୟର ୧୭ଟି ଜିଲ୍ଲାରୁ ବୁଧବାର ଦିନ ୧୩୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୪,୧୨୩ ରେ ପହଂଚିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ଆଜି ସର୍ବାଧିକ ୪୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୧୯ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୬ ଜଣ, ଜଗତ୍‌ସିଂହପୁର ଜିଲ୍ଲାରୁ ୧୪ ଜଣ, କଟକ ଜିଲ୍ଲାରୁ ୬ ଜଣ, ଅନୁଗୁଳ, ଯାଜପୁର ଓ ପୁରୀ ଜିଲ୍ଲାରୁ ୪ ଜଣ ଲେଖାଏଁ, ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ ଲେଖାଏଁ ବରଗଡ଼, ଭଦ୍ରକ, ଝାରସୁଗୁଡ଼ା, ମୟୂରଭଂଜ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି ।

ମହାକାଶ କ୍ଷେତ୍ରରେ ଘରୋଇ ଭାଗିଦାରୀକୁ ମଞ୍ଜୁରି

ନୂଆଦିଲ୍ଲୀ,୨୪।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ମହାକାଶ ଗତିବିଧିର ସମସ୍ତ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଭାଗିଦାରୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦୂରଦର୍ଶୀ ସଂସ୍କାରମୂଳକ ପଦକ୍ଷେପକୁ ମଞ୍ଜୁରି ଦେଇଛନ୍ତି । ଏହି କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ସହିତ ପ୍ରଯୁକ୍ତି କ୍ଷେତ୍ରରେ ସମୃଦ୍ଧ ତଥା ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘକାଳୀନ ଦୃଷ୍ଟିକୋଣ ଅନୁରୂପ ଏହି ନିଷ୍ପତ୍ତି ନିଆଯାଇଛି । ମହାକାଶ କ୍ଷେତ୍ରରେ ଉନ୍ନତ କ୍ଷମତାସମ୍ପନ୍ନ ହାତଗଣତି ରାଷ୍ଟ୍ର ମଧ୍ୟରେ ଭାରତ ସାମିଲ । ଏହି ସଂସ୍କାର ଫଳରେ ମହାକାଶ କ୍ଷେତ୍ରକୁ ନୂତନ ଶକ୍ତି ଏବଂ ଗତିଶୀଳତା ପ୍ରାପ୍ତ ହେବ, ଯାହାଦ୍ୱାରା ଦେଶକୁ ମହାକାଶ ଗତିବିଧିର ପରିବର୍ତ୍ତୀ ପର୍ଯ୍ୟାୟରେ ଦ୍ରୁତଗତିରେ ଆଗେଇ ଯିବାର ସହାୟତା ମିଳିବ । କେବଳ ଏହି କ୍ଷେତ୍ରରେ ବିକାଶ ହେବ ନାହିଁ ବରଂ ଭାରତୀୟ ଉଦ୍ୟୋଗ ବିଶ୍ୱର ମହାକାଶ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ । ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗର ସମ୍ଭାବନା ସୃଷ୍ଟି ହେବା ସହିତ ଭାରତ ଏକ ବୈଶ୍ୱିକ ପ୍ରଯୁକ୍ତି ଶକ୍ତିକେନ୍ଦ୍ରରେ ପରିଣତ ହେବ । ପ୍ରମୁଖ ଲାଭ: ପ୍ରଯୁକ୍ତି ବିକାଶ ତଥା ଶିଳ୍ପ ଆଧାର ସମ୍ପ୍ରସାରଣ କ୍ଷେତ୍ରରେ ମହାକାଶ କ୍ଷେତ୍ର ଏକ ପ୍ରମୁଖ ଭୂମିକା ନିର୍ବାହ କରିପାରିବ । ପ୍ରସ୍ତାବିତ ସଂସ୍କାର ବଳରେ ମହାକାଶ ସମ୍ପତି, ଡାଟା ଏବଂ ଉନ୍ନତ ସୁବିଧା ଉପଲବ୍ଧତାର ମାଧ୍ୟମ ମିଳିବ । ମହାକାଶ ପରିସମ୍ପତି ଓ ଗତିବିଧିରେ ସାମାଜିକ-ଆର୍ଥିକ ଉପଯୋଗକୁ ମଧ୍ୟ ପ୍ରୋତ୍ସାହନ ମିଳିପାରିବ । ନବଗଠିତ ଭାରତୀୟ ରାଷ୍ଟ୍ରୀୟ ମହାକାଶ ସମ୍ବର୍ଦ୍ଧନ ତଥା ପ୍ରାମାଣୀକରଣ କେନ୍ଦ୍ର (ଇନ-ସ୍ପେସ) ଭାରତୀୟ ମହାକାଶ ଭିତିଭୂମିର ଉପଯୋଗ କରିବା ନିମନ୍ତେ ଘରୋଇ କ୍ଷେତ୍ରର କମ୍ପାନୀଗୁଡ଼ିକ ଲାଗି ସମାନ ସୁଯୋଗ ଉପଲବ୍ଧ କରାଇବ । ଏହା ପ୍ରୋତ୍ସାହନମୂଳକ ନୀତି ତଥା ଅନୁକୂଳ ନିୟାମକ ବାତାବରଣ ଜରିଆରେ ମହାକାଶ ଗତିବିଧିରେ ଘରୋଇ କ୍ଷେତ୍ରକୁ ପ୍ରାରମ୍ଭିକ ସହାୟତା ଯୋଗାଇ ଦେବ, ସେମାନଙ୍କୁ ପ୍ରୋତ୍ସାହନ ତଥା ଦିଶା-ନିର୍ଦ୍ଦେଶ ପ୍ରଦାନ କରିବ ।

▶▶ପୃଷ୍ଠା ୭

କରୋନା ଔଷଧ : ରାମଦେବଙ୍କ ବିରୋଧରେ ହେବ ମାମଲା

ଜୟପୁର,୨୪।୬ (ନି.ପ୍ର): କରୋନା ଔଷଧ ତିଆରି କରିଥିବା ନେଇ ଦାବି କରିଥିବା ଯୋଗଗୁରୁ ବାବା ରାମଦେବଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କହିଛି ରାଜସ୍ଥାନ ସରକାର । ପତଞ୍ଜଳୀ ବାହାର କରିଥିବା ଦିବ୍ୟ କରୋନିଲ ଔଷଧର କ୍ଲିନିକାଲ ଟ୍ରାଏଲ ସରକାରଙ୍କ ବିନା ଅନୁମତିରେ ଆକ୍ରାନ୍ତଙ୍କ ଉପରେ କରାଯାଇଥିଲା । ତେଣୁ ଏହା ଏକ ଦୁର୍ନୀତି ଓ ଟ୍ରାଏଲ ନୁହେଁ ବୋଲି ସରକାର କହିଛନ୍ତି । ସରକାରୀ ଅଧିକାରୀ କହିଛନ୍ତି, ଜୟପୁରର ଏନଆଇଏମଏସରୁ ୩ ଦିନ ମଧ୍ୟରେ କୌଣସି ରେଜଲ୍ଟ ଆସି ନଥିଲା ଓ କେବଳ ଲକ୍ଷଣ ନଥିବା କରୋନା ରୋଗୀଙ୍କୁ ହିଁ କରୋନିଲ ଦିଆଯାଇଥିଲା । ଏନଆଇଏମଏସ୍ ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ରିପୋର୍ଟ ସେହି ଦିନ ନେଗେଟିଭ ଆସିଥିଲା । ହେଲେ ଏନଆଇଏମଏସରୁ କୌଣସି

▶▶ପୃଷ୍ଠା ୭

ଭୁବନେଶ୍ୱରର ବୁ ହ୍ୱିଲ୍ ହସ୍ପିଟାଲକୁ ସିଲ୍

ଭୁବନେଶ୍ୱର,୨୪।୬ (ନି.ପ୍ର): ଭୁବନେଶ୍ୱର ମଂଚେଶ୍ୱରସ୍ଥିତ ବୁ ହ୍ୱିଲ୍ ହସ୍ପିଟାଲକୁ ବିଏମସି ସିଲ୍ କରିଛି । କୋଭିଡ୍ ଗାଇଡଲାଇନ୍ ଉଲ୍ଲଙ୍ଘନ ଅଭିଯୋଗରେ ଏହି ହସ୍ପିଟାଲକୁ ସିଲ୍ କରାଯାଇଛି । ଏଥିସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଗତକାଲି ସୁଦ୍ଧା ଏହି ହସ୍ପିଟାଲରୁ ୨୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏତେ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏପରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏନେଇ ବିଏମସି ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ବିଏମ୍‌ସି ଜୋନାଲ ଡେପୁଟି କମିଶନର ପ୍ରମୋଦ ପୃଷ୍ଟି କହିଛନ୍ତି ଯେ ଗତ ୧୭ରେ ହସ୍ପିଟାଲ୍ କୁ ଯାଇଥିବା ଜଣେ ରୋଗୀ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା । ସଂପୃକ୍ତ ରୋଗୀଙ୍କୁ ସେଠାରୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଯେଉଁ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ ସେ ୨୭ ଜଣଙ୍କ ସଂସ୍ପର୍ଶରେ ଆସିଥିଲେ । ଫଳରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ୨୭ ଜଣ କରୋନା ଆକ୍ରାନ୍ତ ହୋଇଥିଲେ । ବୁ ହୁଇଲ୍ ହସ୍ପିଟାଲରେ ଉକ୍ତ କରୋନାଆକ୍ରାନ୍ତଙ୍କୁ ଚିକିତ୍ସା କରିଥିବା ଡାକ୍ତର କୋଭିଡ୍ ଏସଓପି ପାଳନ କରିଥିବା ଅଭିଯୋଗ ହୋଇଛି ।

ଜୁନ୍ ୨୬ରେ ରାଜ୍ୟସ୍ତରୀୟ ପ୍ରତିବାଦ ପାଇଁ ଏକାଠି ହେଲେ ୧୩ ବିରୋଧି ଦଳ

ଭୁବନେଶ୍ୱର ,୨୪।୬ (ନି.ପ୍ର): ଭୁବନେଶ୍ୱର ଜୟଦେବ ବିହାର ସ୍ଥିତ ଉତ୍କଳମଣି ସଭାକକ୍ଷରେ ଓଡିଶାର ୧୩ଟି ବିରୋଧି ରାଜନୈତିକ ଦଳ ଏକ ବୈଠକରେ ମିଳିତ ହୋଇ ଆସନ୍ତା ଜୁନ୍ ୨୬ ତାରିଖରେ କରୋନା ମହାମାରୀ ପରିଚାଳନାରେ ବିଫଳତା ବିରୁଦ୍ଧରେ ଏବଂ ଲୋକଙ୍କର ଜୀବନ ଜୀବିକାର ସୁରକ୍ଷା ଦାବିରେ ରାଜ୍ୟସ୍ତରୀୟ ପ୍ରତିବାଦ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । ଏହିଦିନ ପୂର୍ବାହ୍ନ ୧୧ ଟା ବେଳେ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ୍‌ରେ ମିଳିତ ପ୍ରତିବାଦ ପ୍ରଦର୍ଶନ କରାଯିବ । ଏତଦ୍‌ବ୍ୟତୀତ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବିପତ୍ର ମଧ୍ୟ ଦେବେ । ଆଜିର ଏହି ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇ (ଏମ.ଏଲ) ଲିବରେସନ, ସମାଜବାଦୀ ପାର୍ଟି, ଆମ୍ ଆଦିମ ପାର୍ଟି, ଅଲ୍ ଇଣ୍ଡିଆ ଫରୁଓ୍ୱାର୍ଡ ବ୍ଲକ, ସିପିଆଇ(ଏମ.ଏଲ) ରେଡ ଷ୍ଟାର, ରାଷ୍ଟ୍ରୀୟ ଜନତା ଦଳ, କଳିଙ୍ଗ ସେନା ଏନ୍‌ସିପି, ବହୁଜନ ସମାଜ ପାର୍ଟି, ସମୃଦ୍ଧ ଓଡ଼ିଶା ପ୍ରମୁଖ ଦଳର ପ୍ରତିନିଧିମାନେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଆଶିଷ କାନୁନ୍‌ଗୋ, ଅଳିକିଶୋର ପଟ୍ଟନାୟକ, ସୁଦର୍ଶନ ପ୍ରଧାନ, ରାମ ପଣ୍ଡା, ସୁରେଶ ପାଣିଗ୍ରାହୀ, ଜ୍ୟୋତିରଂଜନ ମହାପାତ୍ର, ହେମନ୍ତ ସାହୁ, ନିଶିକାନ୍ତ ମହାପାତ୍ର, ସୁଦର୍ଶନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶଥାଉକି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅପରିଣାମଦର୍ଶିତା ଏବଂ ଦୁରଦୃଷ୍ଟିହୀନତା ଯୋଗୁଁ କରୋନା ସଂକ୍ରମଣ ଆମ ଦେଶରେ ବଢ଼ି ବଢ଼ି ଚାଲିଛି । ସଂକ୍ରମଣକୁ ରୋକିବା କ୍ଷେତ୍ରରେ କୋଭିଡ ଟେଷ୍ଟିଂକୁ ଗୁରୁତ୍ୱ ନଦେଇ ଲକ୍‌ଡାଉନ / ସଟ୍‌ଡାଉନ ଇତ୍ୟାଦିକୁ ଗୁରୁତ୍ୱ ଦେଲେ । ଆମ ଦେଶରେ କୋଭିଡ ଟେଷ୍ଟିଂ ହାର ଯଥେଷ୍ଟ କମ୍ । ପୃଥିବୀରେ କୋଭିଡ ସଂକ୍ରମିତ ଦେଶମାନଙ୍କ ଭିତରେ ଭାରତ ଚତୁର୍ଥ ସ୍ଥାନ ଅଧିକାର କରିଛି । ଲକ୍‌ଡାଉନ ପରିଣାମ ସ୍ୱରୂପ ଦେଶର କୋଟି କୋଟି ଲୋକ ଚରମ ଦୁର୍ଦ୍ଦିନ ଭିତରକୁ ଠେଲି ହୋଇଗଲେ । ବିଶେଷକରି ପ୍ରବାସୀ ଶ୍ରମିକ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକ ଅକଥନୀୟ ଦୁଃଖ ଏବଂ ନିର୍ଯ୍ୟାତନାର ଶୀକାର ହେଲେ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ରାଜନୈତିକ ସହଯୋଗୀ ଭାବେ କରୋନା ମହାମାରୀର ପରିଚାଳନା କ୍ଷେତ୍ରରେ ରାଜ୍ୟ ଏବଂ ରାଜ୍ୟବାସୀଙ୍କୁ ମଧ୍ୟ ଦୁର୍ଦ୍ଦିନ ଭିତରକୁ ଠେଲି ଦେଇଛନ୍ତି ।

▶▶ପୃଷ୍ଠା ୭

ଜନ୍ମବେଦୀ ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ,୨୪।୬ (ନି.ପ୍ର): ରତ୍ନବେଦୀ ଛାଡି ଗତକାଲି ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇ ଶରଧାବାଲି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ସଂନ୍ଧ୍ୟା ସୁଦ୍ଧା ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଂଚିଥିଲା । ସେବାୟତ ଓ ପୋଲିସ ମିଶି ରଥ ଟାଣିଥିଲେ । ଆଜି ରଥ ଉପରେ ମଙ୍ଗଳ ଆଳତି, ମଇଲମ, ତଡପଲାଗି, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ଆଦି ନୀତି ଅନୁଷ୍ଠିତ ହୋଇଥିଲା । ରଥ ଉପରେ ମହାପ୍ରଭୁଙ୍କୁ ମୁଗ, ଫଳମୂଳ, ନଡ଼ିଆ କୋରା ଓ ଶୁଖିଲା ଭୋଗ ନୈବେଦ୍ୟ କରାଯାଇଥିଲା । ଆଜି ଅପରାହ୍ନ ସାଢେ ୫ଟା ପରେ ପ୍ରଭୁ ମଦନମୋହନ ଓ ରାମକୃଷ୍ଣ ଗୁଣ୍ଡିଚା ମନ୍ଦିରର ଦକ୍ଷିଣଘରକୁ ବିଜେ କରିଥିଲେ । ଗୋଟି ପହଣ୍ଡିରେ ଚକ୍ରରାଜ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ମା ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ଆଡପ ମଣ୍ଡପରେ ବିଜେ କରିବା ପରେ ସୁଦର୍ଶନ ବିଜେ କରିଥିଲେ । ମୁଦିରଥ ରଥ ଉପରେ ପୁଷ୍ପାଞ୍ଜଳି ଓ ବନ୍ଦାପନା କରିବା ପରେ ବିଜେ କାହାଳୀ ଓ ଘଂଟ ବାଜିଥିଲା । ସେତେବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ପରେ ନନ୍ଦିଘୋଷ ରଥରୁ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଓ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରୁ ରାମକୃଷ୍ଣଙ୍କ ପହଣ୍ଡି ହୋଇଥିଲା । ଶ୍ରୀଗୁଣ୍ଡିଚା ଦିନ ତିନିଠାକୁର ଓ ସୁଦର୍ଶନ ବିଜେ କରିବା ପରେ ରାମକୃଷ୍ଣ ଓ ମଦନମୋହନ ପଛରେ ବିଜେ କରିଥାନ୍ତି । ଆଡପ ପହଣ୍ଡି ସମୟରେ ମଦନମୋହନ ଓ ରାମକୃଷ୍ଣ ପ୍ରଥମେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି । ସେବାୟତମାନେ ଗତକାଲି ବହୁ କଷ୍ଟକରି ତିନି ରଥକୁ ଟାଣି ସନ୍ଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର

▶▶ପୃଷ୍ଠା ୭

ମା'ଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟପାଇଁ ପାରୋଲରେ ଗଲା ଅବଦୁଲ ରହେମାନ

ଭୁବନେଶ୍ୱର,୨୪।୬ (ନି.ପ୍ର): ଆତଙ୍କବାଦୀ ସଂସ୍ଥା ଅଲକାଏଦା ସହିତ ସମ୍ପୃକ୍ତି ଥିବା ଅଭିଯୋଗରେ ଗିରଫ ହୋଇଥିବା ଅବଦୁଲ ରହେମାନ କୋର୍ଟ ନିର୍ଦ୍ଦେଶରେ ୪ ଘଂଟା ପାଇଁ ପାରୋଲରେ ମାର ଅନ୍ତ୍ୟେଷ୍ଟି କାର୍ଯ୍ୟପାଇଁ ଘରକୁ ଆସିଥିଲା । ପୋଲିସର କଡ଼ା ସୁରକ୍ଷା ବଳୟ ଭିତରେ ତାକୁ ଘରକୁ ଅଣାନିଯାଇଥିଲା ଏବଂ ନିଆଯାଇଥିଲା । କାର୍ଯ୍ୟ ସରିବା ପରେ ଚୌଦ୍ୱାର ଜେଲକୁ ଫେରିଯାଇଛି । କଟକସ୍ଥିତ ଜଗତପୁର ଅଂଚଳର ସାତପଟିଆରେ ତାର ଘର । ୨୦୧୫ ଡିସେମ୍ବର ୨୧ ତାରିଖରେ ସେ ଗିରଫ ହୋଇ ଚୌଦ୍ୱାର ଜେଲରେ ରହୁଥିଲା ।

କରୋନାରେ ଟିଏମସି ବିଧାୟକଙ୍କ ମୃତ୍ୟୁ

କୋଲକାତା ,୨୪।୬ (ନି.ପ୍ର): କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ପଶ୍ଚିମବଙ୍ଗ ତୃଣମୂଳ କଂଗ୍ରେସର ବିଧାୟକ ତମୋନାଶ ଘୋଷଙ୍କର ୬୦ ବର୍ଷ ବୟସରେ ବୁଧବାର ଦିନ ଏକ ଡାକ୍ତରଖାନାରେ ଦେହାନ୍ତ ହୋଇଛି । ଗତ ମେ ମାସରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଏହା ବ୍ୟତୀତ ତାଙ୍କର ହୃଦ୍‌ପିଣ୍ଡ, ବୃକକ୍ ଏବଂ ଅନ୍ୟାନ୍ୟ ଶାରୀରିକ ଜଟିଳତା ଥିଲା । ଘୋଷଙ୍କ ଦୁଃଖାନ୍ତ ବିୟୋଗ ଶୋକବ୍ୟକ୍ତ କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରିଛନ୍ତି, ଅତ୍ୟନ୍ତ ଦୁଃଖର ବିଷୟ । ଫାଲ୍‌ତାରୁ ୩ ଥର ବିଧାୟକ ହୋଇଥିବା ଏବଂ ୧୯୯୮ରୁ ଦଳର କୋଷାଧ୍ୟକ୍ଷ ଥିବା ତମୋନାଶ ଘୋଷଙ୍କର ଆଜି ଆମକୁ ଛାଡ଼ି ଚାଲିଯାଇଛନ୍ତି । ୩୫ ବର୍ଷରୁ ଊର୍ଦ୍ଧ୍ୱ କାଳ ଆମ ସାଙ୍ଗରେ ଥାଇ ସେ ଜନତା ଏବଂ ଦଳ ପାଇଁ ଉତ୍ସର୍ଗୀକୃତ ସେବା କରିଛନ୍ତି । ସାମାଜିକ କାର୍ଯ୍ୟରେ ତାଙ୍କର ଢେର ଅବଦାନ ଥିଲା ।ସେ ଛାଡ଼ି ଯାଇଥିବା ଶୂନ୍ୟସ୍ଥାନଟି ପୂର୍ଣ୍ଣ କରିବା କଷ୍ଟକର ବୋଲି ମମତା

▶▶ପୃଷ୍ଠା ୭

୬ ମାସରେ ୧୦୮ ଆତଙ୍କବାଦୀଙ୍କୁ ନିପାତ କଲେଣି ଭାରତୀୟ ସୈନ୍ୟ

ଜାମ୍ମୁ ,୨୪।୬ (ନି.ପ୍ର): ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ସଫେଇ ଅଭିଯାନ ଆରମ୍ଭ କରିଛି ସେନା । ଭାରତ ସୀମାରେ ପ୍ରବେଶ କରିବାକୁ ଉଦ୍ୟମ କରିବା ମାତ୍ରେ ସେମାନଙ୍କୁ ସଫା କରି ଦିଆଯିବ ବୋଲି ଚେତାବନୀ ମଧ୍ୟ ଦେଇଛି । ଏହି ସ୍ଥିତିରେ ଗତ ୬ ମାସ ମଧ୍ୟରେ ଜାମ୍ମୁକାଶ୍ମୀରରେ ୧୦୮ ଆତଙ୍କବାଦୀଙ୍କୁ ଏନକାଉଂଟର କରାଯାଇଥିବା ସୂଚନା ମିଳିଛି । ଏହି ତଥ୍ୟ ରଖିଛନ୍ତି ଜାମ୍ମୁକାଶ୍ମୀର ପୁଲିସ ମହାନିର୍ଦ୍ଦେଶକ ଦିଲବାଗ ସିଂହ । ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ହିଜବୁଲ ମୁଜାହିଦ୍ଦିନ ସଙ୍ଗଠନର ସଦସ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି । ବୁଧବାର ଦିନ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ ସେନା, ପୁଲିସ, ସୁରକ୍ଷା କର୍ମୀ କାଶ୍ମୀରକୁ ଆତଙ୍କବାଦମୁକ୍ତ କରିବାକୁ ପଣ କରିଛନ୍ତି । ପ୍ରତ୍ୟେକ ଦିନ ଆତଙ୍କବାଦୀ ବିରୋଧୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ଏବଂ ଆତଙ୍କବାଦ ଶେଷ କରିବା ଏକମାତ୍ର କାର୍ଯ୍ୟ ପାଲଟିଛି ।

ଆଉ ୨୮୨ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୫୭୫୨କୁ ବୃଦ୍ଧି

ଗଂଜାମ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୩୦ ହେଲା


Coronavirus

କରୋନା କବଳରେ ବନ୍ତ ଥାନା : କରୋନା ଯୋଦ୍ଧାମାନେ ଏବେ ନିଜକୁ ନିଜେ ସଙ୍ଗରୋଧରେ

ଭଦ୍ରକ, ୨୪/୬ (ହି.ସ.) - ମାର୍ଚ୍ଚ ୨୦ ତାରିଖରୁ ଅଦ୍ୟାବଧି କରୋନା ମୁକାବିଲା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ସଂପାଦନ ପାଇଁ ନିଜ ପରିବାରକୁ ଭୁଲି ଦିନରାତି ଏକ କରିଥିବା ବନ୍ତ ଥାନାଧିକାରିଣୀ ମିନା ବିନ୍ଧାଣୀଙ୍କ ସମେତ ଆଉ ୫ ଜଣ ଥଣ୍ଡା ଛିଙ୍କ କାଶ ଓ ମୁଣ୍ଡବିନ୍ଧା ଇତ୍ୟାଦି ଲକ୍ଷଣରେ ପୀଡିତ ହୋଇ ବର୍ତମାନ ନିଜକୁ ନିଜେ ସଙ୍ଗରୋଧ ନିୟମକୁ ପାଳନ କରୁଥିଲେ ମଧ୍ୟ ଏ ସଂକ୍ରାନ୍ତରେ ନିୟୋଜିତ ସ୍ୱାସ୍ଥ୍ୟ ଟିମ୍ ଏପର୍ଯ୍ୟନ୍ତ ସେମାନଙ୍କୁ ଚେକ୍ ଅଫ୍ କରି ନଥିବାରୁ ସେମାନେ ମନସ୍ତାପ ଓ ସନ୍ଦେହ ମଧ୍ୟରେ ଅଛନ୍ତି । ସୂଚନାଯୋଗ୍ୟ ଯେ ଅଳ୍ପଦିନ ତଳେ ପଧାନପଡା ପଂଚାୟତର ଏକ ପ୍ରେମଜନିତ ମାମଲାରେ ଫସିଥିବା ପ୍ରେମିକ-ପ୍ରେମିକାଙ୍କୁ ବାହାର ରାଜ୍ୟରୁ ଉଦ୍ଧାର କରି ଆଣିବା ଘଟଣା ପରେ ସେମାନଙ୍କୁ ପଜିଟିଭ ବାହାରିଥିବା ଘଟଣା ପାଇଁ ହୁଏତ ବନ୍ତ ଥାଇ ପାରିଥିବାର କିଛି ବୁଦ୍ଧିଜୀବୀ ଓ ସାଧାରଣରେ ସନ୍ଦେହ କରାଉଛି । ଯାହାବି ହେଉ, ଅବିଶ୍ରାନ୍ତ କୋଭିଡ୍ ଯୁଦ୍ଧରେ କର୍ତ୍ତବ୍ୟ ନିଭାଇଥିବା ଏବଂ ଏହି ଏଟି ନ୍ୟୁଜ୍ ରେ ମଧ୍ୟ ବନ୍ତର ୫ ଜଣ ମହିଳା କରୋନା ଯୋଦ୍ଧା ଭାବେ ଆଇଆଇସି ମିନା ବିନ୍ଧାଣୀ, ତହସିଲଦାର ଇନ୍ଦିରା ସାହୁ, ବିଡିଓ ରେବିକା ବିଲନ, ଅତିରିକ୍ତ ତହସିଲଦାର ବିନୀତାରାଣୀ କିସ୍କୁ ଓ ଆଗରପଡା ଥାନାଧିକାରିଣୀ ସୁକାନ୍ତୀ କେରେଇ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ଥିବା ପ୍ରକାଶିତ ହୋଇଥିଲା । ସଂପ୍ରତି ବନ୍ତ ଥାନାରେ ୬ ଜଣ କରୋନା ଲକ୍ଷଣରେ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଥିବାବେଳେ ଅଦ୍ୟାବଧି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବାବେଳେ ଅଦ୍ୟାବଧି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନଥିବା ପରିତାପର ବିଷୟ । ସେମାନଙ୍କର ଲକ୍ଷଣ ପରୀକ୍ଷା କରାଯିବା ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ଏବଂ ସେମାନେ କରୋନା ମୁକ୍ତ ରହିଥାନ୍ତୁ ବୋଲି ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ କାମନା କରାଯାଇଛି ।

ମାଛଚାଷ କରି ଆତ୍ମ ନିର୍ମରଶୀଳ ହେବା ପାଇଁ ଚେଷ୍ଟା କରୁଛନ୍ତି ହୃଷିକେଶ ବେହେରା

ପଣ୍ଟିମବାର୍ଡ,୨୪।୬ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମସ୍ଥ ତାଳଗଛିଆ ଗ୍ରାମର ହୃଷିକେଶ ବେହେରା ବାୟୋଗ୍ୟାସ ଦ୍ୱାରା ଦେଶୀ କଉମାଛଚାଷ କରି ନିଜକୁ ଆତ୍ମ ନିର୍ଭରଶୀଳ ହେବାକୁ ଚେଷ୍ଟା କରିଛନ୍ତି । କିଛିବର୍ଷ ପୂର୍ବେ ହୃଷିକେଷ ଆର୍ଥୀକ ଅବସ୍ଥା ଭଲ ନ ଥିବାରୁ ମ୍ୟାଟ୍ରକ ପରୀକ୍ଷାପରେ ସେ ମୁମ୍ବାଇ ଯାଇ ସେଠାରେ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ଉନ୍ନତ ବାୟୋଗ୍ୟାସ ପ୍ରଣାଳୀରେ ମାଛଚାଷ କରିବା ଶିଖିଥିଲେ । ଏହାପରେ ସେ ଗାଁକୁ ଫେରିଆସି ନିଜସ୍ୱ ଅର୍ଥରେ ଏକ ବାୟୋଗ୍ୟାସ ପ୍ରଣାଳୀରେ କଉମାଛ ଚାଷ କରିବା ଆରମ୍ଭ କରିଛନ୍ତି । ସେ ଗତ ଫେବୃଆରୀ ମାସରେ ୪ହଜାର କଉମାଛ ଜାଆଁଳ ଆଣି ମାଛଚାଷ ଆରମ୍ଭ କରିଥିବା ବେଳେ ଏବେ ତାହା ପ୍ରତ୍ୟେକ କଉମାଛର ଓଜନ ୭୦ଗ୍ରାମ ହୋଇଥିବା ଜଣାଯାଇଛି । ଏହାର ବଜାର ମୂଲ୍ୟ ୮୦ହଜାର ଟଙ୍କା ହେବ ବୋଲି କହିଛନ୍ତି । ଆଉ ୨ଟି ବାୟୋପ୍ଲାଣ୍ଟ ମାଧ୍ୟମରେ ମାଛଚାଷ କରିବା ପାଇଁ ଯୋଜନା କରିଥିବା ବେଳେ ତାଙ୍କୁ ଅର୍ଥ ବାଧକ ସାଜିଛି । ସରକାର ପ୍ରତ୍ସାହନ ଯୋଗାଇ ଦେଲେ ସେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ପ୍ରେରଣାର ମାର୍ଗ ଦେଖାଇବେ ବୋଲି ସୂଚନା ଦେଇଛନ୍ତି ।

ରଗଡିରେ ମୃତ ଗୋରୁ ଝୁଣୁଛି କୁକୁର, ଏନ.ଏ.ସି ପ୍ରଶାସନ କରୁଛି କଣ

ଭୁବନ,୨୪।୬ (ନି.ପ୍ର): ସହରକୁ ସ୍ୱଚ୍ଛ ଓ ପରିମଳ ରଖିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଜରିଆରେ କରାଯାଇଛି ଅନେକ ବ୍ୟବସ୍ଥା । ଲାଭଖୋର ଠିକାଦାରଙ୍କ ଯୋଗୁ ଏହି ମିଶନ ଭୁବନ ବିଜ୍ଞାପିତ ଅଚଂଳ ପରିଷଦରେ ଫେଲ ମାରିଛି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ୱାର୍ଡ ନଂ ୧୫ ମଧ୍ୟ ଦେଇ ଯାଇଥିବା ପୂର୍ତବିଭାଗ ରାସ୍ତାର ରଗଡି ଛକରେ । ଆଜି ପବିତ୍ର ଶ୍ରୀଗୁଣ୍ଡିଚା । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା । ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ବଳରେ ପୁରୀରେ ହୋଇଛି ରଥଯାତ୍ରା । ପୁର ପଲ୍ଲୀରେ ବନ୍ଦ ହୋଇଛି । କିନ୍ତୁ ଭୁବନର ଅଷ୍ଟଶମ୍ଭୁ ମନ୍ଦିର ପରିସର ଓ ତୃତୀୟାଦେବଙ୍କ ମନ୍ଦିରରେ ପହଣ୍ଡି ହୋଇ ଚାଲିଥିଲା ଘୋଷ ଯାତ୍ରା । ରଥାରୁଢ ହୋଇନଥିଲା ବି ଘୋଷ ଯାତ୍ରା ହୋଇଥିଲା । ସୀମିତ ସଂଖ୍ୟକ ଭକ୍ତ ଏହି ରାସ୍ତାରେ ଯାତାୟତା ରୁଥିଲେ ବି ଏହି ଛକ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଜନତା ଢେଙ୍କାନାଳ କୁ ଯାତାୟତ କରିଥାନ୍ତି । ଭୁବନ ବଜାର ଉପରେ ନିର୍ଭର କରୁଥିବା ବାଲିବୋ , ଏକତାଳୀ , ମହୁଳପାଳ, ମୃଦଙ୍ଗା ପଟ୍ଟାୟତର ଶହଶହ ବ୍ୟକ୍ତି ଏହି ରାସ୍ତାଦେଇ ଯାତାୟତ କରନ୍ତି । ମୃତ ଗୋରୁ ପଚି ଯାଇଛି । ଗୋରୁ ର ଶବକୁ କୁକୁର ଖାଇଉଥରବା ଦେଖାଯାଇଛି । ସୂଚନାଯୋଗ୍ୟ ମୃତ ଗୋରୁ ପଡିଥିବା ସ୍ଥାନା ଠାରୁ ୧୦ ମିଟର ଦୂରରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ମଣିଷ ଶବ ପୋଡିବା ପାଇଁ ଶ୍ମାସନ, ୬୬ଲକ୍ଷଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଂଟର । ଗାଁ ଆର୍ବଜନା କୁ ବିଭିନ୍ନ ବାଲିଟିରେ ସଂରକ୍ଷିତ ରଖିବା ନିମନ୍ତେ ସ୍ୱଚ୍ଛ ସାଥୀ ମାନେ ଘରକୁ ଘର ବୁଲି ସଚେତନ କରୁଛନ୍ତି । ତାହା କେବେ ଦୂର କାମରେ ଲାଗୁଛି ସମୟ କହିବ । କିନ୍ତୁ ଘରକୁ ଘର ବୁଲୁଥିବା ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ୱାର୍ଡ ଦାୟିତ୍ୱରେ ଥିବା ସୁଇପର, ୱାର୍ଡ ସରକାର, ସର୍ବୋପରି ସ୍ୱଚ୍ଛ ଭୁବନର ସ୍ୱପ୍ନ ଦେଖୁଥିବା ନିସ୍ସ ସଂସ୍ଥାର କର୍ମଚାରୀ । ପବିତ୍ର ଶ୍ରୀଗୁଣ୍ଡିଚାଭଳି ଦିନରେ ଭକ୍ତିପୂତ ମନୋଭାବ ନେଇ ଯାତାୟତ କରୁଥିବା ବ୍ୟକ୍ତି ନାକରେ ହାତ ଦେଇ ଚାଲିବାକୁ ବାଧ୍ୟ ହୋଇଛନ୍ତି । ମାସିକ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଲ ନେଉଥିବା ସଂସ୍ଥା କରୁଛୁ କଣ । ବିଜ୍ଞାପିତ ଅଚଂଳରେ ନିଯୁକ୍ତି ପ୍ରାପ୍ତ ସମସ୍ତ ଏଜେନ୍ସି କିପରି କାମ କରୁଛି ତାହା ସହଜେ ଅନୁମେୟ ବୋଲି ପୂର୍ବତନ ୱାର୍ଡ କାଉନସିଲର ମାୟାଧର ଗୁରୁ କ୍ଷୋଭର ସହ ଜଣାଇଛନ୍ତି ।

କୋଟଗଡ ବ୍ଲକ ଯନ୍ତ୍ରୀଙ୍କ ଦାୟୀତ୍ୱ ହୀନତା

ବିଡିଓଙ୍କ ସମେତ ସମସ୍ତେ ହୋମ୍ କ୍ୱାରେଂଟାଇନରେ

କନ୍ଧମାଳ,୨୪।୬ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକର ଜଣେ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କ ଦାୟୀତ୍ୱହୀନତା ଓ ଖାମଖିଆଲି ଯୋଗୁଁ ଏବେ ବ୍ଲକର ବିଡିଓଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରେଣ୍ଟାଇନରେ ରହିବାକୁ ପଡିଛି । ଫଳରେ ବ୍ଲକ ଅଫିସ ତାଲା ପଡିଯାଇଛି । ଯନ୍ତ୍ରୀ ବେହେରାଙ୍କ ଦାଦାଙ୍କ ମୃତ୍ୟୁ ହେବା ଶୁଣି ସେ ଗଞ୍ଜାମ ଜିଲ୍ଲାର ପୋଲସରାକୁ ଛୁଟିରେ ଯାଇଥିଲେ । ଓ ଗାଁରୁ ଫେରି ସେ ବ୍ଲକ ଅଫିସ, ବଜାର ଆଦି ବୁଲାବୁଲି କରିଥିଲେ । ପ୍ରଶାସନକୁ ଏହି ବିଷୟରେ ଜଣାପଡିବା ପରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରିକ୍ଷା ପାଇଁ ପଠାଯାଇଥିଲା । ତାଙ୍କର ସ୍ୱାବ୍ ପରିକ୍ଷା ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅଫିସର ସମସ୍ତ କର୍ମଚାରୀ ଏବଂ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ହୋମ୍ କ୍ୱାରେଣ୍ଟାଇନରେ ରହିବାକୁ ପଡିଲା । ଯନ୍ତ୍ରୀ ଜଣକ ପ୍ରଶାସନକୁ ଏହି ବାବଦରେ ଅବଗତ କରିବା ସହିତ ନିଜ ଘରେ ସଙ୍ଗରୋଧରେ ରହିଥିଲେ ଏଭଳି ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା । ଯନ୍ତ୍ରୀ ବ୍ଲକ କାର୍ଯ୍ୟାଳୟକୁ ଯିବା ଫଳରେ ବ୍ଲକର ବିଡିଓଙ୍କ ସମେତ ସମସ୍ତଙ୍କୁ ହୋମ୍ କ୍ୱାରେଣ୍ଟାଇନରେ ୧୪ ଦିନ ଯାଏଁ ରହିବା ଲାଗି କୁହାଯିବା ସହ ଘର ସମ୍ମୁଖରେ ନିର୍ଦ୍ଦେଶନାମା ପତ୍ର ମରାଯାଇଛି । ବ୍ଲକ କାର୍ଯ୍ୟାଳୟକୁ ଏବେ କେହି କର୍ମଚାରୀ ନଆସିବା ଫଳରେ ସବୁ କାର୍ଯ୍ୟ ବନ୍ଦ ଥିବା ଜଣାପଡିଛି ।

ରାଷ୍ଟ୍ର ପୁରୁଷ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ଭଦ୍ରକ, ୨୪/୬ (ହି.ସ.) - ଭାରତୀୟ ଜନତା ପାର୍ଟି ଭଦ୍ରକ ଜିଲ୍ଲା ତରଫରୁ ଜିଲ୍ଲା କାର୍ଯ୍ୟାଳୟରେ ରାଷ୍ଟ୍ରପୁରୁଷ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି । ଏହି ଅବସରରେ ରାଜ୍ୟ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଭଦ୍ରକ ବିଧାନସଭା ନେତା ଡାକ୍ତର ପ୍ରଦୀପ ନାୟକ, ଲୋକସଭା ପ୍ରାର୍ଥୀ ଅଭମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ସଭାପତି ହେମନ୍ତ ପାଢୀ ଯୋଗ ଦେଇଥିଲେ । ସଭାରେ ସଭାପତିତ୍ୱ କରି ଶ୍ରୀଯୁକ୍ତ ପାଢୀ ସର୍ବ ପ୍ରଥମେ ଚଳିତ ବର୍ଷ କରୋନା ମହାମାରୀ ପାଇଁ ସୁପ୍ରିମ କୋର୍ଟ ପବିତ୍ର ରଥଯାତ୍ରାକୁ ବନ୍ଦ କରିବା ଏବଂ ପରେ ପୁଣି ଅନୁମତି ଦେବାରୁ ରଥଯାତ୍ରା ସମ୍ପନ୍ନ ହୋଇପାରିବା ନେଇ ଖୁସି ବ୍ୟକ୍ତ କରିବା ସହିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ଗଜପତି ମହାରାଜ, ସୁପ୍ରିମ କୋର୍ଟ ଓକିଲ ତୁଷାର ମେହେଟାଙ୍କୁ ଜିଲ୍ଲା ବିଜେପି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ସଭାରେ ଉଦ୍‌ବୋଧନ ଦେଇ ଶ୍ରୀଯୁକ୍ତ ସେଠୀ ତାଙ୍କ ବକ୍ତବ୍ୟରେ ଦଳର ସମସ୍ତ କର୍ମୀ ସ୍ୱର୍ଗତ ମୁଖାର୍ଜୀଙ୍କ ନୀତି ଆଦର୍ଶରେ ଚାଲିବା ପାଇଁ ପରାମର୍ଶ ଦେବା ସହିତ ତାଙ୍କର ଜୀବନୀ ବର୍ଣ୍ଣନା କରିଥିଲେ । ଡାକ୍ତର ନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତମାତାର ସୁପୁତ୍ର ତଥା ବିଜେପି ପାର୍ଟିର ପିତା ସଦୃଶ ବୋଲି ଅଭିହିତ କରିଥିଲେ । ଅନ୍ୟମାନେ ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ବର୍ଣ୍ଣନା କରିବା ସହ ସେ ଜଣେ ରାଷ୍ଟ୍ରନାୟକ ହୋଇ ଦେଶ ବିଭାଜନକୁ ବିରୋଧ କରି ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ ବୋଲି କହିଥିଲେ । ଏହି ସଭାରେ ବୁଦ୍ଧଦେବ ଜେନା, ତପନ ମହାନ୍ତି, ଭଗବାନ ପଣ୍ଡା, ଯୁବନେତା ବିକାଶ ଶ୍ରେଷ୍ଠା, ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ସନ୍ତୋଷ ସାହୁ, ସରୋଜ ରାଉତ, ଦେବାଂଶୁ ରାଉତ, ଭାଗିରଥୀ ମହାଳିକ, ଶଶାଙ୍କ ଦାସ, ଗଣେଶ ପତି, ଆଶିଷ ସେଠ୍, ପ୍ରମୋଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀହର୍ଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟରେ ଗତ ୨୪ ଘଂଟାରେ ୩୪୯୬ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୨୪।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୩୪୫୮ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୨୩୧୩୫୬ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୧୧ ଜଣଙ୍କ ଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୨୪।୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୩୧୧ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

ନବନିଯୁକ୍ତ ଯୁବ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪।୬ (ନି.ପ୍ର): ଓଡିଶା ପ୍ରଦେଶ ଯୁବ କଂଗ୍ରେସର ନବନିଯୁକ୍ତ ସଭାପତି ଡ. ସ୍ମୃତିରଂଜନ ଲେଙ୍କା ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଡ. ଲେଙ୍କା କଂଗ୍ରେସ ଭବନ ଠାରେ ପହଂଚିବା ପରେ ଯୁବ କଂଗ୍ରେସ କର୍ମମାନେ ପୁଷ୍ପପୁଚ୍ଛ ଓ ଉତରୀୟ ପ୍ରଦାନ କରି ତାଙ୍କୁ ଯୁବ କଂଗ୍ରେସ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ । ସର୍ବପ୍ରଥମେ ଡ. ଲେଙ୍କା କଂଗ୍ରେସ ଭବନ ପରିସରରେ ଥିବା ମହାମନିଷୀମାନଙ୍କୁ ପ୍ରତିମୂତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସାମାଜିକ ଦୂରତା ରକ୍ଷା କରି ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏଥିରେ ଡ. ଲେଙ୍କା ଆଗାମୀ ଦିନରେ ଯୁବ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ କଂଗ୍ରେସ କର୍ମକର୍ତାମାନଙ୍କ ସହିତ ବିଚାର ବିମର୍ଷ କରିଥିଲେ । ରାଜ୍ୟରେ ବିଜେଡି ଓ କେନ୍ଦ୍ର ବିଜେପି ସରକାରଙ୍କ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ବିରୋଧରେ ସ୍ୱର ଉତୋଳନ କରିବା ସହ ଯୁବ ବର୍ଗଙ୍କୁ ନିଯୁକ୍ତି ଦେବା ନିମନ୍ତେ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପ୍ରକାଶ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା, ଚିନ୍ମୟ ପ୍ରସାଦ ବେଉରା, ଯୋଗୀନାଥ ବାହୁବଳେନ୍ଦ୍ର, ନାରାୟଣ ଜେନା, ସତ୍ୟାନନ୍ଦ ରାଉତ, ଲିଙ୍ଗରାଜ ସାହୁ, ସମ୍ରାଟ ଜେନା, ସ୍ୱରୂପ କାନୁନ୍‌ଗୋ, ହରେକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

କବି ଅମିତାଭ ମିଶ୍ରଙ୍କ ରଚିତ ଟିକି ଟିକି ତାରାଫୁଲ କବିତା ପୁସ୍ତକ ଉନ୍ମୋଚିତ

ବାରିପଦା,୨୪।୬ (ନି.ପ୍ର):ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ ପକ୍ଷରୁ କବି ଅମିତାଭ ମିଶ୍ରଙ୍କ ଦ୍ୱାରା ରଚିତ କବିତା ପୁସ୍ତକ 'ଟିକି ଟିକି ତାରାଫୁଲ' କବିତା ପୁସ୍ତକକୁ ଏକାଡ଼େମୀର ସଭାପତି ଡ଼ଃ ସରୋଜ କୁମାର ନାୟକ ଓ ସମ୍ପାଦକ ତଥା ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଉନ୍ମୋଚନ କରିଛନ୍ତି । ଉକ୍ତ ପୁସ୍ତକରେ ୧୦୮ ଗୋଟି କ୍ଷୁଦ୍ର କବିତା ସ୍ଥାନ ପାଇଛି । ଏହା ପୂର୍ବରୁ କବି ଶ୍ରୀ ମିଶ୍ରଙ୍କ ରଚିତ ସମୃତି ମଞ୍ଜୁଳା, ସୃଷ୍ଟି ସମଗ୍ର, ରୂପାନ୍ତର, ମଣିମାଣିକ୍ୟ, ଶିଶୁ : ମୋ ଦେଶର ଶିଶୁ, କବିତା କବରୀ, ମହ ମହ ମାଟିର ମହକ, ପ୍ରେମ ଓ କବିତା କଳାପ ଆଦି ପୁସ୍ତକ ପ୍ରକାଶିତ ହୋଇ ପାଠକ ମହଲରେ ଆଦୃତ ହେବା ସହ ସ୍ୱୀକୃତି ଲାଭ କରିପାରିଛି । ଆଜିର ଏହି 'ଟିକି ଟିକି ତାରାଫୁଲ' ପୁସ୍ତକର ପ୍ରକାଶନ ଭାର ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ ବହନ କରିଥିବାରୁ କବି ଶ୍ରୀ ମିଶ୍ର ଏକାଡ଼େମୀ ନିକଟରେ ନିଜର କୃତଜ୍ଞତା ବ୍ୟକ୍ତ କରିଛନ୍ତି । ପ୍ରକାଶ ଥାଉକି, ଯୁବ କବି ଅମିତାଭ ମିଶ୍ର ମୟୂରଭଞ୍ଜ ଜିଲ୍ଲା ସର୍ବପୁରାତନ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି ।

ବର୍ଷାଋତୁ ଆସିଲା : ବିପଦ ଆଶଙ୍କାରେ ନଇକୂଳିଆବାସୀ

ଭଦ୍ରକ, ୨୪/୬ (ହି.ସ.) - ଆବାହନ କାଳରୁ ସାଳନ୍ଦୀ ନଦୀ ବନ୍ତ ବ୍ଲକ୍‌ର ଆଗରପଡା ଦେଇ ବହି ଯାଇଥିବାବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲାକୁ ପ୍ରବାହିତ ହୋଇଛି । ଏହି ନଦୀକୂଳରେ ଶତାଧିକ ବେଆଇନ୍ ଇଟାଭାଟି ଚାଲିଛି । ନଦୀପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି । ଯଦ୍ୱାରା ନଦୀ କୂଳ ସବୁ ଖାଇଯାଇଛି । ବର୍ଷାଋତୁ ଆସିଲେ ବର୍ଷା ପ୍ରଭାବରେ ନଦୀ ପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖୀ ହେଉଥିବାରୁ ନଦୀ କୂଳିଆ ଗ୍ରାମବାସୀମାନେ ବିପଦ ଆଶଙ୍କାରେ ରହିଛନ୍ତି । ଏହି ନଦୀର ଜଳକୁ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ସେହି ସମୟରେ ପାର୍ଶ୍ୱବର୍ତୀ କେନ୍ଦୁଝର ଜିଲା ହଦଗଡ ଠାରେ ଏକ ଡ୍ୟାମ୍ ପ୍ରତିଷ୍ଠା କରିଥିଲେ । ଏଥିରେ ଜଳ ନିୟନ୍ତ୍ରିତ ହେବା ସହ ଏହି ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ ୩ ଗୋଟି ଜିଲା କୃଷି ଅର୍ଥନୀତି ଉପରେ ବେଶ୍ ପ୍ରଭାବ ପକାଉଥିବାବେଳେ ଏବେ ସାଳନ୍ଦୀ ନଦୀ କୂଳ ଖାଇ ଗ୍ରାମାଭିମୁଖୀ ହେବା ଯୋଗୁଁ ନଦୀକୂଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି । ପ୍ରତିବର୍ଷ ବର୍ଷାଦିନରେ ସାଳନ୍ଦୀ ନଦୀରେ ଏହିପରି ମନୁଷ୍ୟକୃତ ବନ୍ୟା ଆସି ନଦୀ ଜଳ ଲୋକଙ୍କର କ୍ଷୟକ୍ଷତି ପହ ।ଉଛି । ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍‌କାଳୀନ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାସଂଦ ଅର୍ଜୁନ ଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦୀ ସଂସ୍କାର ଯୋଜନାରେ ୧୦୨ କୋଟି ଟଙ୍କା ଅନୁଦାନ ମଂଜୁର ହୋଇ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯା

ପିତୃତ୍ୱ କେବଳ ଖୁସି ଦିଏନାହିଁ, ଏହା ଦାୟିତ୍ୱ ସମ୍ପର୍କରେ ସଚେତନ କରିଥାଏ । କେବଳ ମଣିଷ ନୁହେଁ, ପ୍ରାଣୀମାନେ ବି ନିଜ ପିତୃତ୍ୱକୁ ସୁଚାରୁ ରୂପେ ପାଳନ କରିବା ଲାଗି ଖୁବ୍ ତ୍ୟାଗ ସ୍ୱୀକାର କରିଥାନ୍ତି । ତେଣୁ ପ୍ରାଣୀପିତାମାନଙ୍କ ମଧ୍ୟରୁ ୫ ଜଣଙ୍କ ସମ୍ପର୍କରେ...

ପ୍ରାଣୀଜଗତରେ ସର୍ବୋତ୍ତମ ପିତା

ସମୁଦ୍ର ଘୋଡ଼ା:

ବିଶ୍ୱରେ ଏହା ଏକମାତ୍ର ପିତା ଯିଏ ସନ୍ତାନ ଧାରଣ କରିଥାଏ । ଅଣ୍ଡିରା ସମୁଦ୍ର ଘୋଡ଼ାର ପାକସ୍ଥଳୀ ନିକଟରେ ଏକ ସ୍ୱତନ୍ତ୍ର ଥଳି ଥାଏ, ଯେଉଁଥିରେ ସେ ମାଈ ସମୁଦ୍ର ଘୋଡ଼ା ଦେଇଥିବା ଅଣ୍ଡାକୁ ସାଇତି ରଖେ । ଏଥିରେ ୨ ହଜାର ପାଖାପାଖି ଅଣ୍ଡା ରହିପାରେ । ଛୁଆ ହୋଇସାରିବା ପରେ ବି ଅଣ୍ଡିରା ସମୁଦ୍ର ଘୋଡ଼ା ସେମାନଙ୍କୁ ଥଳିରେ ରଖି ସମୁଦ୍ର ପରିବେଶରେ ବଢ଼ିବା ଉପଯୋଗୀ କରାଏ । ଏହି ପ୍ରକ୍ରିୟାରେ ୧୦ରୁ ୨୫ ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ ।

ପେଙ୍ଗୁଇନ୍:

ମାଈ ପେଙ୍ଗୁଇନ୍ ଗୋଟିଏ ଅଣ୍ଡା ଦେବା ପରେ ଏଥିରୁ ଛୁଆ ବାହାରିବା ପର୍ଯ୍ୟନ୍ତ ଦାୟିତ୍ୱ ବହନ କରେ ଅଣ୍ଡିରା ପେଙ୍ଗୁଇନ୍ । ଅଣ୍ଡା ଦେଇସାରି ମାଈ ପେଙ୍ଗୁଇନ୍ ଖାଦ୍ୟ ଅନ୍ୱେଷଣରେ ବାହାରିଯାଏ । ଅଣ୍ଡିରା ପେଙ୍ଗୁଇନ୍ ବସାରେ ରହି ସେହି ଅଣ୍ଡାକୁ ନିଜ ପାଦ ଉପରେ ଥୋଇ ଡେଣା ଘୋଡ଼ାଇ ରଖେ ଯେପରି ଅଣ୍ଡାଟି ଉଷୁମ ପାଇବା ସହ ବରଫରୁ ସୁରକ୍ଷିତ ରହିପାରିବ । ଏପରି ସ୍ଥିତିରେ ଅଣ୍ଡିରା ପେଙ୍ଗୁଇନ୍ ୬୫ରୁ ୭୫ଦିନ ପର୍ଯ୍ୟନ୍ତ ରହିବାକୁ ପଡ଼ିଥାଏ । ଏଥିରୁ ପେଙ୍ଗୁଇନ୍ ପିତାର ଧୈର୍ଯ୍ୟ ଆକଳନ ସେ ଏହି ସମୟ ମଧ୍ୟରେ କିଛି ଖାଦ୍ୟ ବି ଖାଇପାରି ନାହିଁ । ନିଜ ଶରୀରରେ ପୂର୍ବରୁ ସଞ୍ଚିତ

ହୋଇ ରହିଥିବା ଚର୍ବି ହିଁ ତାକୁ ବଞ୍ଚାଇ ରଖେ । ଏଥିରେ ଅଣ୍ଡିରା ପେଙ୍ଗୁଇନ୍‌ର ଶରୀର ବି ପତଳା ହୋଇଯାଏ । ତେବେ ମାଈ ପେଙ୍ଗୁଇନ୍ ଫେରି ଅଣ୍ଡାର ଦାୟିତ୍ୱ ନନେବା ଯାଏ ଅଣ୍ଡିରା ପେଙ୍ଗୁଇନ୍ ଅଣ୍ଡାକୁ ନିଜଠାରୁ ଅଲଗା କରେନାହିଁ । ପରେ ଛୁଆ ବଡ଼ ହୋଇ ବରଫ ପରିବେଶରେ ଚଳିନପାରିବା ଯାଏ ଦୁହେଁ ମିଶି ତାକୁ ନିଜ ଦେହରେ ଥିବା ସ୍ୱତନ୍ତ୍ର ଥଳିରେ ପୂରାଇ ଉଷୁମରେ ରଖିଥାଏ ।

ଏମୁ:

ଅଣ୍ଡିରା ଏମୁ ପକ୍ଷୀ ଅଣ୍ଡାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରେ । ମାଈ ଏମୁ କେବଳ ଅଣ୍ଡା ଦେଇ ବାହାରିଯିବା ପରେ ଅଣ୍ଡିରା ଏମୁ ବସାରେ ରହି ସବୁ ଅଣ୍ଡାର ଭଲଭାବେ ଯତ୍ନ ନେଇଥାଏ । ଏହି ସମୟରେ ସେ ଖାଇବା, ପିଇବା ମଧ୍ୟ ଭୁଲିଯାଏ । ପ୍ରାୟ ଦୁଇମାସ କାଳ ବିଶ୍ରାମ ସୁଦ୍ଧା ନିଏ ନାହିଁ । ଛୁଆ ଫୁଟିବା ପରେ ବି ସେମାନଙ୍କ ଲାଳନପାଳନ କରିଥାଏ ଅଣ୍ଡିରା ଏମୁ ପକ୍ଷୀ । ଗୋଟିଏ ଗୋଟିଏ ଏମୁ ୪୦ ପର୍ଯ୍ୟନ୍ତ ଛୁଆକୁ ଏକା ପାଳୁଥିବା ଦେଖାଯାଏ ।

ଗୋଲ୍‌ଡେନ୍ ଲାୟନ ଟାମାରିନ୍:

ଏମାନଙ୍କର ସାଧାରଣ ଯାଆଁଳା ଛୁଆ ହୋଇଥାନ୍ତି । ତେଣୁ ସେମାନଙ୍କ ଲାଳନପାଳନ ଲାଗି ଅଣ୍ଡିରା ଟାମାରିନ୍‌ର ଦାୟିତ୍ୱ ବଢ଼ିଯାଏ । ଟାମାରିନ୍ ଶାବକ ୬ରୁ ୭ ସପ୍ତାହ ହେବା ପର୍ଯ୍ୟନ୍ତ ପିତାଙ୍କ ପିଠିରେ ଚଢ଼ି ରହିଥାନ୍ତି । କେବଳ ସ୍ତନ୍ୟପାନ କରିବା ଲାଗି ମା' ପାଖୁ ଯାଆନ୍ତି ।

ଦେଢ଼ ଫୁଟିଆ ମୂଷାଙ୍କ ଉପଦ୍ରବ

ସାଧାରଣତଃ ମୂଷା ଅତିବେଶୀରେ ୬ ରୁ ୮ ଇଞ୍ଚ ବଡ଼ ହୋଇଥିବା ଦେଖାଯାଏ । ତେବେ କରୋନା ଆତଙ୍କ ସହ ସମ୍ପ୍ରତି ମୂଷାଙ୍କୁ ନେଇ ଏକ ନୂଆ ସମସ୍ୟା ବ୍ରିଟେନ୍‌ରେ ଦେଖାଯାଇଛି । ଏଠାରେ ପ୍ରାୟ ଦେଢ଼ଫୁଟ ଲମ୍ବା ମୂଷାଙ୍କ ଉପଦ୍ରବ ବଢ଼ିଯାଇଛି । ଏମାନେ ସାଧାରଣ ମୂଷାଙ୍କ ଅପେକ୍ଷା ଅଧିକ ଆକ୍ରାମଣାତ୍ମକ ହୋଇଥିବା ବେଳେ ଛୋଟ ମୂଷାଗୁଡ଼ିକୁ ବି ମାରି ଖାଇ ଯାଉଛନ୍ତି । ଅସଲରେ ତାଲାବନ୍ଦ ଯୋଗୁ ରୋଷ୍ଟେରାଁ, କାଫେ ଆଦି ବନ୍ଦ ରହିଥିବାରୁ ଭୋକରେ ଖୁବ୍ ଉଗ୍ର ସ୍ୱାଭାବର ଏମାନେ ହୋଇଯାଇଛନ୍ତି । ନାଳ, ନର୍ଦ୍ଦମାରୁ ବାହାରି ପ୍ରାୟ ୨ମାସ ହେବ ସହରବାସୀଙ୍କୁ ଅତିଷ୍ଠ କରିପକାଇଲେଣି ଏହି ମୂଷା । ଏମାନଙ୍କ ଭୋକ ଏତେ ବଢ଼ିଯାଇଛି ଯେ ଏବେ ପରସ୍ପରକୁ ଖାଇଦେଉଥିବାର ବି ଦେଖାଯାଉଛି । ମୂଷାମରା ବିଷ ବି ଏହି ମୂଷାଙ୍କ ପାଖରେ ପ୍ରଭାବହୀନ ହୋଇଯାଇଛି । ଏମାନଙ୍କ ମଧ୍ୟରେ ଅଞ୍ଚଳର ଅଧିକାରକୁ ନେଇ ଲଢ଼େ ଲାଗୁଛି ବୋଲି ରୋଡେଣ୍ଟୋଲୋଜିଷ୍ଟ ମତ ଦିଅନ୍ତି । ମଣିଷ ପରି ମୂଷାଙ୍କ କ୍ଷେତ୍ରରେ ଯାହାର ବଳୁଆ ସୈନ୍ୟକ ତାଏ ସେମାନେ ଅନ୍ୟ ମୂଷାଙ୍କୁ ଘଉଡାଇ ସେ ଅଞ୍ଚଳ ଅକ୍ତିଆର କରିନେଇପାରନ୍ତି । ଜିଆ ର୍ୟାଟ୍ କୁହାଯାଉଥିବା ଏହି ମୂଷାଗୁଡ଼ିକ ବର୍ଷକୁ ଆଠଥର ଗର୍ଭଧାରଣ କରି ପ୍ରାୟ ୫୬ ଟି ଛୁଆ ଜନ୍ମ କରିପାରନ୍ତି । ତାଲାବନ୍ଦ ପରେ ବ୍ରିଟେନ ସମେତ ବିଶ୍ୱର ବିଭିନ୍ନ ଦେଶରେ ମୂଷା ଉପଦ୍ରବ ବଢ଼ିଯାଇଥିବା ଦେଖାଯାଇଛି । ଭାରତରର ବିଭିନ୍ନ ରାଜ୍ୟରେ ମୂଷା ଉପଦ୍ରବରେ କୋଟିକୋଟି ଟଙ୍କା ମୂଲ୍ୟର ସାମଗ୍ରୀ ନଷ୍ଟ ହେଉଥିବା ଶୁଣାଯାଉଥିଲେ ମଧ୍ୟ ଦେଢ଼ଫୁଟ ଲମ୍ବାର ମୂଷା ଦେଖାଯାଇନାହାନ୍ତି । ବ୍ରିଟେନ୍‌ବାସିନ୍ଦା ମରିଯାଇଥିବା ଏଭଳି ବିରାଟକାୟ ମୂଷାର ଫଟୋ ସୋସିଆଲ ମିଡିଆରେ ମାପଫିତା ସହ ଶେୟାର କରୁଥିବା ଦେଖାଯାଇଛି ।

ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି ଚୀନା ମୂଷା ବର୍ଷ । ୨୦୨୦ ମସିହାରେ କରୋନା ସଂକ୍ରମଣ ଯୋଗୁଁ ଚୀନ୍ ସାରା ବିଶ୍ୱରେ ସମାଲୋଚନାର ଶିକାର ହେଉଥିବା ବେଳେ ଏହି ବର୍ଷଟି ଚୀନା କ୍ୟାଲେଣ୍ଡରରେ ମୂଷାବର୍ଷ ଭାବେ ପରିଚିତ । ପ୍ରତି ୧୨ ବର୍ଷରେ ଥରେ ମୂଷାବର୍ଷ ଆସୁଥିବା ବେଳେ ଏଥର ୨୦୨୦ ଜାନୁଆରୀ ୨୫ରୁ ଆରମ୍ଭ ହୋଇ ୨୧ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଚାଲିବ । ଚୀନ୍‌ର କରୋନା ପରେ ମୂଷା ଲୋକଙ୍କ ନୟାନ୍ତ କରୁଥିବାରୁ ଏବେ ମୂଷାବର୍ଷ ଯୋଗୁଁ ଚୀନ୍ ବି ମୂଷା ଉପଦ୍ରବ ପାଇଁ ସମାଲୋଚିତ ହେଲାଣି ।

ଫ୍ଲାମିଙ୍ଗୋ:

ଏହି ପକ୍ଷୀ ସମାନତାରେ ବିଶ୍ୱାସ କରେ । ମାଈ ଓ ଅଣ୍ଡିରା ଫ୍ଲାମିଙ୍ଗୋ ଅଣ୍ଡା ଉଷୁମାଇବାଠାରୁ ଛୁଆ ଫୁଟିବା ପରବର୍ତ୍ତୀ ସମୟ ଥାଏ ମିଳିମିଶି ନିଜ ଶାବକକୁ ପାଳୁଥିଲେ ବି ଅଣ୍ଡିରା ଫ୍ଲାମିଙ୍ଗୋର ଟିକେ ଅଧିକ ଦାୟିତ୍ୱ ରହିଥାଏ । ଉଭୟେ ନିଜ ପାଚନ ତନ୍ତ୍ରରୁ ବାହାରୁଥିବା ଏକ ବିଶେଷ ପ୍ରକାର ତରଳ ପଦାର୍ଥ ଖୁଆଇ ଶାବକଙ୍କୁ ବଢ଼ାନ୍ତି । ନବଜାତ ଶାବକର ଧୂସର ରଙ୍ଗର ଡେଣା ଥିବା ବେଳେ ଏମାନେ ବିଶେଷ ଚଳପ୍ରଚଳ କରିପାରନ୍ତି ନାହିଁ । ଚାରିରୁ ସାତଦିନ ପରେ ବସାରୁ

ବାହାରିଥାନ୍ତି । ସେମାନେ, ଏହି ସମୟକୁ ଛିଡ଼ାହେବା ଏବଂ ଚାଲିକାକୁ ସକ୍ଷମ ହୋଇଥିଲେ ମଧ୍ୟ ଉଭୟ ପିତାମାତା ଶାବକ ଉପରେ ସମାନ ଭାବେ ଦୃଷ୍ଟି ରଖିଥାନ୍ତି । ଫ୍ଲାମିଙ୍ଗୋ ପକ୍ଷୀ ଜୀବନସାରା ଜଣେ ସାଥୀ ସହ ରହିଥିବା ବେଳେ ପରିବାରକୁ ମଧ୍ୟ ଖୁବ୍ ଭଲଭାବେ ପାଳିଥାଏ ।

ସାଦା ଆମ୍‌ଲେଟ

ଅଣ୍ଡାରେ ଆମ୍‌ଲେଟ ପ୍ରସ୍ତୁତ କରାଯାଏ ଏବଂ ଅଣ୍ଡା ନିରାମିଷ ନୁହେଁ । ତେବେ ନିରାମିଷ ଆମ୍‌ଲେଟ୍ କିପରି ପ୍ରସ୍ତୁତ କରିହେବ ବୋଲି ଭାବୁଛନ୍ତି କି ! ଏହା ପ୍ରସ୍ତୁତ କରିବା ଯେପରି ସହଜ, ସେପରି ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ମଧ୍ୟ ।

ପ୍ରସ୍ତୁତି: ପ୍ରଥମେ ଏକ ପାତ୍ରରେ ବେସନ, ମଇଦା, ବେକିଂ ପାଉଡର, ହଳଦି, ଲୁଣ ପକାଇ ଭଲଭାବେ ମିଶାଇବା ପରେ ପାଣି ପକାଇ ପିଠଉ ପ୍ରସ୍ତୁତ କରିବେ । ଏହା ବେଶୀ ପତଳା କି ବହଳିଆ ହୋଇନଥିବା ଜରୁରୀ । ଏଥିରେ ପିଆଜ, କଞ୍ଚାଲଙ୍କା, ଧନିଆପତ୍ର, ଲାଲ୍ ଲଙ୍କାଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇଦେବେ । ପ୍ୟାନ୍‌କୁ ଚୁଲିରେ ବସାଇ କିଛି ବଟର ପକାଇବେ । ଏହା ତରଳିବା ପରେ ଆମ୍‌ଲେଟ୍ ପିଠଉକୁ ଅଳ୍ପ ନେଇ ପ୍ୟାନ୍‌ରେ ପକାନ୍ତୁ । ଏହାକୁ ଅଣ୍ଡା ଆମ୍‌ଲେଟ ପରି ଗୋଲ କରିଦେଇ ୧-୨ ମିନିଟ୍ ଛାଡ଼ିଦେବେ । ଏବେ ଉପରେ ପାଉଁରୁଟି ଖଣ୍ଡ ରଖିବେ । ଏହା ଭଲଭାବେ ହୋଇଯିବା ପରେ ଓଲଟାଇ ପଛପାଖ ସେକିନେବେ । ଆମ୍‌ଲେଟର ବଳକା ଅଂଶ ପାଉଁରୁଟିର ଚାରିପାଖରେ ଲଗାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସାଦା ଆମ୍‌ଲେଟ୍ । ଏହାକୁ ଟମାଟୋ କେଚପ୍ କିମ୍ବା ସସ୍ ସହିତ ଲଗାଇ ଗରମ ଗରମ ଖାଇପାରିବେ ।

ଆବଶ୍ୟକ ସାମଗ୍ରୀ: ପିଠଉ କରିବା ଲାଗି ବେସନ- ୧ କପ୍, ମଇଦା-୧/୪ କପ୍, ଛୋଟ ଚାମଚରେ ୩/୪ ଚାମଚ ବେକିଂ ପାଉଡର, ୧/୪ ଚାମଚ ଲେଖାଏଁ ହଳଦି ଗୁଣ୍ଡ, ପାଣି ୧+୧/୪ କପ୍, ବଡ଼ ଚାମଚରେ ୨ ଚାମଚ ଲେଖାଏଁ ଛୋଟଛୋଟ ଚାରିକୋଣିଆ କଟାଯାଇଥିବା ପିଆଜ ଏବଂ ଧନିଆପତ୍ର କଟା, ସରୁସରୁ କଟାଯାଇଥିବା ଗୋଟିଏ କଞ୍ଚାଲଙ୍କା, ସ୍ୱାଦାନୁସାରେ ଲୁଣ । ଏହା ସହିତ ଭାଜିବା ପାଇଁ ବଟର ବା ଲହୁଣି, ୫ ପିସ୍ ପାଉଁରୁଟି, କିଛି ଧନିଆ ।

ଯୋଗମୁଦ୍ରାରେ ହିନା ଖାନ୍

ଆନ୍ତର୍ଜାତୀୟ ଯୋଗ ଦିବସରେ ଅନେକ ସେଲିବ୍ରିଟି ଯୋଗ କରୁଥିବା ଦେଖିବାକୁ ମିଳିଛି । ସେମାନେ ନିଜ ଯୋଗମୁଦ୍ରାର ଫଟୋ ସୋସିଆଲ ମିଡିଆରେ ସେୟାର ବି କରିଛନ୍ତି । ଅଭିନେତ୍ରୀ ହିନା ଖାନ୍ ନିଜର କେତେକ ଫଟୋ ସେୟାର କରିଛନ୍ତି । ଯୋଗ ତାଙ୍କ ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥିବା ମଧ୍ୟ ସେ ସ୍ୱୀକାର କରିଛନ୍ତି । କେବଳ ଶାରୀରିକ କ୍ଷେତ୍ରରେ ନୁହେଁ, ବରଂ ମାନସିକ ସ୍ତରରେ ଏହା ତାଙ୍କୁ ସହାୟକ ହୋଇଥିବା ହିନା କହିଛନ୍ତି । ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ବିଗ୍ ବସ୍ ଷ୍ଟାର ହିନା ଏକାଧିକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଭି ୟୋର ବଡ଼ି ଆଣ୍ଡ ଷ୍ଟିଲ୍ ୟୋର୍ ମାଇଣ୍ଡ... ଲେନ୍ଦେନ୍, ଷ୍ଟ୍ରେନ୍ଦେନ୍, ରାଇଜ୍, ଫିଲ୍ ଟଲର୍ ଆଣ୍ଡ ପିସ୍‌ଫୁଲ୍..' । ଯୋଗ ତାଙ୍କୁ ପ୍ରକୃତରେ ଅନେକ ଦିଗରୁ ସହାୟକ ହୋଇଥିବା ହିନାଙ୍କ ଏହି ପୋଷ୍ଟରୁ ସ୍ପଷ୍ଟ ଜଣାପଡୁଛି । ସେ କହିଛନ୍ତି, ୪ ବର୍ଷ ତଳେ ସେ ଯୋଗାଭ୍ୟାସ ଆରମ୍ଭ କରିଥିଲେ । ଏହା ଏତେ ଫଳପ୍ରଦ ହୋଇଥିଲା ଯେ ଏହାକୁ ଛାଡ଼ିବାକୁ ଆଉ ମନ ହୋଇ ନଥିଲା । ଉଭୟ ଶରୀର ଓ ମନ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଯୋଗ ଅତ୍ୟନ୍ତ ଜରୁରି ।

ବୃକ୍କକ ସୁସ୍ଥ ରଖେ ବାର୍ଲି

ବାର୍ଲି ଏକ ଉପକାରୀ ଖାଦ୍ୟ ଶସ୍ୟ । ବୃକ୍କର ସ୍ୱାସ୍ଥ୍ୟ ପାଇଁ ନିୟମିତ ବାର୍ଲି ପାଣି ପିଇବା ଭଲ । ଏହା ସହଜରେ ଘରେ ପ୍ରସ୍ତୁତ କରାଯାଇପାରେ । ଏକ କିଲୋଗ୍ରାମ୍ ବାର୍ଲି ନରମ ହେବା ପର୍ଯ୍ୟନ୍ତ ଚୁଲିରେ ବସାଇ ଫୁଟାନ୍ତୁ । ଥଣ୍ଡା ହେବା ପରେ ଭଲ ଭାବେ ମନ୍ଥି, ଖଦଡ଼ା ଅଂଶ ଛାଣି ବାହାର କରିଦିଅନ୍ତୁ । ଏହି ବାର୍ଲି ପାଣିକୁ ଲେମ୍ବୁ ବା କମଳା ରସ ଏବଂ ସାମାନ୍ୟ ଚିନି ସହ ମିଶାଇ ପିଅନ୍ତୁ । ନିୟମିତ ପିଇଲେ ବୃକ୍କ ସୁସ୍ଥ ରହିବ । ସମସ୍ତ ପ୍ରକାରର ଆଣ୍ଠୁ-ଗଣ୍ଠି ବ୍ୟଥା ଦୂରହେବ । ବାର୍ଲିରେର ଅଧିକ

କ୍ୟାଲୋରି ନାହିଁ । ଏହା କୋଲେଷ୍ଟରୋଲ୍ ବଢ଼ାଏ ନାହିଁ । ଅଧିକ ତନ୍ତୁ ଥିବାରୁ ଶରୀରର ପାକ-ବ୍ୟବସ୍ଥାକୁ ମଧ୍ୟ ରୋଗମୁକ୍ତ ରଖେ ।

ଏମିତି କରନ୍ତୁ: ଖାଦ୍ୟର ସ୍ୱାଦ ବଢ଼ିବ

ଘରେ ତ ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ ହୁଏ । କାମ ସହଜ ଏବଂ କମ୍ ସମୟରେ କରିବା ଲାଗି ଗୃହିଣୀମାନେ କେତେ ଉପାୟ ଆପଣାଇଥାନ୍ତି । ଏବେ ଏଇ କେତେକ ଗୁରୁମନ୍ତ୍ର ରୋଷେଇଘରେ ପ୍ରୟୋଗ କରି ଦେଖିଲେ ।

➤ଭାତ ରାନ୍ଧିବା ସମୟରେ ସେଥିରେ ୧ ଚାମଚ ଲେମ୍ବୁରସ ମିଶାଇ ଦିଅନ୍ତୁ । ଏହାଦ୍ୱାରା ଭାତ ସୁନ୍ଦର ହେବା ସହ ଶୀଘ୍ର ହୋଇଯାଏ ଏବଂ ଏହାର ସ୍ୱାଦ ମଧ୍ୟ ବଢ଼ିଯାଏ ।

➤ଆମିଷ ରୋଷେଇ କରିବାକୁ ସାଧାରଣତଃ ଡେରି ହୋଇଯାଏ । ଚଟାପଟ୍ କିନ୍ତୁ ସ୍ୱାଦିଷ୍ଟ ଆମିଷ ରୋଷେଇ କରିବାକୁ ଚାହୁଁଥିଲେ ପୂର୍ବରାତିରୁ କିମ୍ବା ସେହିଦିନ ସକାଳୁ ଏହାକୁ ମ୍ୟାରିନେଟ୍ କରି ରଖିଦିଅନ୍ତୁ । ରୋଷେଇ କରିବାକୁ ବେଶୀ ସମୟ ଲାଗିବ ନାହିଁ ଏବଂ ସ୍ୱାଦିଷ୍ଟ ହେବ ।

➤ଅନେକ କଫି ପିଇବାକୁ ପସନ୍ଦ କରନ୍ତି । ବେଳେବେଳେ କଫି କଡ଼ା କରିବାକୁ ଯାଇ ଏହାକୁ ପିତା କରିଦିଅନ୍ତି । ଏପରି ହେଲେ ଚିମୁଟାଏ ଲୁଣ କଫିରେ ମିଶାଇ ଦିଅନ୍ତୁ । ପିତା କମିଯିବ ।

➤ଦୋସା ପ୍ରସ୍ତୁତ କରିବା ସମୟରେ ଏହା ବେଳେବେଳେ ମୋଟା ହୋଇଯାଏ, ନଚେତ ପତଳା କରିବାକୁ ଇଚ୍ଛା କଲେ ଭାଙ୍ଗିଯାଏ । ଏହାର ସମାଧାନ ଲାଗି ଦୋସା ପିଠଉ ପକାଇବା ପୂର୍ବରୁ ତାୱାରେ ପିଆଜ ଘସି ଦିଅନ୍ତୁ । ଦୋସା ପତଳା ହେବ ଏବଂ ଭାଙ୍ଗିବନି ।

➤ବଘାରିବା ବେଳେ ପିଆଜ ଭାଜି ହେବାକୁ ସମୟ ନିଏ । ଯଦି ଏଥିରେ

ଟିକେ ଚିନି ପକାଇ ଦେବେ ପିଆଜ ଶୀଘ୍ର ଭାଜି ହେବା ସହିତ ବଘରାର ସ୍ୱାଦ ବଢ଼ିଯିବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭୂତାଣୁ ଅନ୍ୱେଷଣ...

ମହାମାରୀ କରୋନୀ ସଂକ୍ରମଣ ତମାମ ବିଶ୍ୱକୁ ଥରେଇ ରଖିଛି । ଜୁନ୍ ମଧ୍ୟଭାଗରେ ଭୟାନକ ପରିସ୍ଥିତି ହେବ ବୋଲି ଯାହା କୁହାଯାଉଥିଲା, ତାହା ପ୍ରାୟ ସତ ହେବାକୁ ସମୟ ବାକିନାହିଁ । ବିଶ୍ୱସ୍ତରରେ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟାରେ ଆମ ଦେଶ ନିଶୁଣିର ଚତୁର୍ଥ ପାହାଚ ଚଢ଼ି ସାରିଲୁଣି । ଯଦି ଏକରକମ ସଂକ୍ରମଣର ଚକ୍ରବୃଦ୍ଧି ହାରରେ ବଢ଼ିଚାଲେ, ତେବେ ଅଦୂର ଭବିଷ୍ୟତରେ ସ୍ଥିତି କିଭଳି ଅସମ୍ଭାଳ ହେବାକୁ ଯାଉଛି, ତାହା ପ୍ରାୟତଃ ଜଳଜଳ ଦିଶିଲାଣି । ବିଶ୍ୱସ୍ତରରେ ଏହି ଭୂତାଣୁ ସଂକ୍ରମଣରର ପ୍ରତିଷେଧକ ଟିକା ବାହାର କରାଯିବା ପାଇଁ ଗବେଷକମାନେ ଲାଗି ପଡ଼ିଛନ୍ତି । ତେବେ କୁହାଯାଉଛି, ଅଜ୍ଞାତ ଓ ଅଭୂତପୂର୍ବ ଭୂତାଣୁର ପ୍ରତିରୋଧ ପାଇଁ କିଭଳି ସାଧନ ସହିତ ସାବଧାନତା ଲୋଡ଼ା, ତାହା ସମସ୍ତଙ୍କର ଗୋଚରରେ ନାହିଁ । ବଡ଼ ବଡ଼ ଉନ୍ନତ ଦେଶମାନେ ଅଦୃଶ୍ୟ ଭୂତାଣୁ ବିରୋଧରେର ଆବଶ୍ୟକ ପ୍ରତିରୋଧ କ୍ଷମତା ସୃଷ୍ଟିକାରୀ ଟିକା ବିକଶିତ କରିବାକୁ ବିପୁଳ ଧନରାଶିରର ଉପଯୋଗ କରୁଛନ୍ତି । କେହି ନିଧାର୍ଯ୍ୟରୂପେ କହିପାରୁନାହାନ୍ତି କି, ଅମୁକ ମାସ ସୁଦ୍ଧା ଟିକାର ପ୍ରୟୋଗ ହେବ ଓ ତହିଁରରୁ ସୁଫଳ ମିଳିପାରିବ । କହିଲେ ଭୁଲ ହେବ ନାହିଁକି, କି' ବିକଶିତ କି' ବିକାଶଶୀଳ ସବୁ ଦେଶ ଏକରକମ ଅନ୍ଧାରରେ ବାଡ଼ି ବୁଲଉଛନ୍ତି ।

ପ୍ରଥମେ ଯେତେବେଳେ କରୋନା ଭୂତାଣରରୁ ବାହାରିଲା, ହୁଏତ କେହି ଏହାର ବର୍ତ୍ତମାନ ଭଳି ବ୍ୟାପକ ସଂକ୍ରମଣଣ ହେବ, ଅନୁମାନ କରିପାରିନଥିଲେ । ଚୀନର ନିର୍ଦ୍ଦିଷ୍ଟ ଇଲାକାକୁ ଏବେ ମଧ୍ୟ କରୋନାରର ଜନ୍ମସ୍ଥଳ ବୋଲି କୁହାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପାଖରେ ଏନେଇ ଠୋସ୍ ସୂଚନା ନଥିବାରୁ ସଂସ୍ଥା ମଧ୍ୟ ଆମେରିକାଠାରୁ ଆରମ୍ଭ କରି ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହୋଇଛି । ଖୋଦ୍ ଚୀନ୍ ସହ ଆମେରିକା, ବ୍ରାଜିଲ, ଯୁକ୍ତରାଷ୍ଟ୍ର, ଦିଲ୍ଲୀ ଭଳି ମହାନଗରୀରେ ସଂକ୍ରମଣର ପରିବ୍ୟାପ୍ତି ବସ୍ତୁତଃ ଆମ ଦେଶକୁ ଆଣି ଚତୁର୍ଥ ସ୍ଥାନରେ ପହଞ୍ଚାଇ ଦେଇଛି । ବହିରାଗତ ଶ୍ରମିକ ହୁଅନ୍ତୁ କି' ପେଷାଗତ ଅଧିକାରୀ ହୁଅନ୍ତୁ; ସେମାନଙ୍କ ଜରିଆରେର ସଂକ୍ରମଣର ଅଧିକମାତ୍ରାରେ ବଢ଼ିଯାଇଥିବା ବେଳେ କେବେ ଓ କିପରି ଏହା ପ୍ରକ୍ରିୟାରେ ଅନ୍ତ ଘଟିବ, କେହି କହିପାରୁନାହାନ୍ତି । ଏପରରି ହୋଇପାରେର, ଯେଉଁଠି ସଂକ୍ରମଣର ପ୍ରାରମ୍ଭରୁ ସାବଧାନତା ରକ୍ଷା ଦିଗରେ ପ୍ରଶାସନ ତତ୍ପରତା ଦେଖାଇଛି, ସେଠାରେ ସଂକ୍ରମଣର ମାତ୍ରା ସଂକୁଚିତ ସ୍ତରରେ ଅଟକି ଯାଇଛି । ମାସ ମାସ ଧରି ରୋଜଗାର ଛଡ଼େଇ ନେଇଥିବା ସଂକ୍ରମଣକୁ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ ହାତଧୁଆ ଅଭ୍ୟାସକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଅଂଶବିଶେଷ କରିବାର ସୁଫଳ ନିଶ୍ଚିତ ରୂପେ ମିଳିଛି । ହେଲେ ତାଲାବନ୍ଦଜନିତ କଷ୍ଟ ଓ ଆମ ଅର୍ଥନୀତି ଉପରେ ତାହାର କୁପ୍ରଭାବରୁ ମୁକୁଳିବାର କିଛି ଠିକ୍ ଉପାୟ ମିଳିପାରି ନାହିଁ କହିଲେ ଚଳେ । ଜାତୀୟ ସ୍ତରରେ ଦେଖାଯାଇଥିବା ସଂକ୍ରମଣକୁ ବିଚାରକୁ ନେଲେ, ଆମ ରାଜ୍ୟରେ ତାହାର କୁପ୍ରଭାବ ସୀମିତ ରୂପେ ପ୍ରକଟିତ ହୋଇଛି । କିନ୍ତୁ ସେଥିରେ ସନ୍ତୁଷ୍ଟିର କିଛି ଠୋସ୍ କାରଣ ନାହିଁ । ପ୍ରବାସରୁ ହିନସ୍ତା ଭୋଗି ଫେରିଆସିଥିବା ଭାଇଭଉଣୀଙ୍କୁ ଆର୍ଥିକ ଥଇଥାନ ଯେମିତି ବଡ଼ ଆହ୍ୱାନ, ସେହିଭଳି ସଂକ୍ରମଣର ଚେର ଉପାଡ଼ି ଫୋପାଡ଼ିବା ଭିତରେ ଆମେ ଉତ୍ତରଦାୟିତ୍ୱର ସମସ୍ତ ପ୍ରମାଣଣଣ ଦେଇପାରିବା । ସଂକ୍ରମଣ ବୃଦ୍ଧି ପାଇଥିବାରୁ ରାଜ୍ୟ ସରକାର କରୋନା ଯୁଦ୍ଧର ଛାମୁଆ ଯୋଦ୍ଧାଙ୍କୁ ଘରକୁ ଘର ବୁଲି ସମ୍ଭାବ୍ୟ ସଂକ୍ରମଣର ମଂଜିକୁ ନିକାଲି ବାହାର କରିଦେବା ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି । କେତେକ ସମାଲୋଚକ କହିବାର ଦେଖାଯାଉଛି ଯେ, ମୂଳରୁ ଏମିତି କାହିଁକି ଘରକୁ ଘର ଯାଇ ସଂକ୍ରମଣର ମଂଜିକୁ ଠାବ କରାଗଲାନି କାହିଁକି । କହିହେବ ଯେ, ଏହ ଦୋଷଦର୍ଶୀମାନଙ୍କ କାମ । ରାଜ୍ୟ ତଥା କେନ୍ଦ୍ର ସରକାର କିଭଳି ଗୁରୁତର ଓ ଭୟଙ୍କର ଆହ୍ୱାନର ମୁକାବିଲା କରୁଛନ୍ତି, ତାହା ହୁଏତ ସମାଲୋଚକଙ୍କୁ ଦିଶୁନାହିଁ । ଓଡ଼ିଶା ଭଳି ରାଜ୍ୟରେ ସଂକ୍ରମଣଜନିତ ମୃତ୍ୟୁକୁ ମାତ୍ର ଏଗାର-ବାରରେ ସୀମିତ ରଖାଯିବା ପଛରେ ରାଜ୍ୟ ନେତୃତ୍ୱର ସଂକଳ୍ପ, କରୋନା ଯୋଦ୍ଧାମାନଙ୍କୁ ଏକନିଷ୍ଠ ଉଦ୍ୟମ ନିହିତ ରହିଛି, ତାହାର ଉଚ୍ଚ ମୂଲ୍ୟାୟନ କରାଯିବ । ଆମ ରାଜ୍ୟ କି' ଦେଶ କାହିଁକି, ବିଶ୍ୱର ଅର୍ଥନୀତି ଦୋହଲି ଯାଇଛି । ଉଚ୍ଚ ଆୟକାରୀ ବର୍ଗ ହୁଅନ୍ତୁ, ମଧ୍ୟବିତ୍ତ ଓ ସ୍ୱଳ୍ପ ଆୟକାରୀ ସମସ୍ତେ କରୋନା ପାଇଁ ପ୍ରତିକୂଳତାର ଶିକାର ହୋଇଥିବା ଦେଖାଯାଉଛି । ଖଟିଖିଆ ଓ ଦିନ ମଜୁରିଆଙ୍କ କଥା ନକହିଲେ ଭଲ । ସହରବାସିନ୍ଦା ଓ ଗ୍ରାମୀଣ ବାସିନ୍ଦାଙ୍କ ସଂଚିତ ଧନ ସରିଆସିଲାଣି । ସରକାର ଘରକୁ ଘର ସର୍ଭେ କରି ସାମାନ୍ୟ ସଂକ୍ରମିତଙ୍କୁ ଠାବ କରିବା ଲାଗି ପଦକ୍ଷେପ ନେଉଛନ୍ତି । ଯେତେ ଅଧିକ ପଜିଟିଭ ବାହାରୁଛନ୍ତି ଅଧିକାଂଶ ସଙ୍ଗରୋଧ ଶିବିର ଭିତରର ଲୋକ । ଆଉ କିଛି ହେଉଛନ୍ତି ସ୍ଥାନୀୟ ବ୍ୟକ୍ତି । ଘରକୁ ଘର ସର୍ଭେରୁ ବାହାରୁଥିବା ତଥ୍ୟ ଆଧାରରେ ପରିବର୍ତ୍ତିତ ତଥା ଉନ୍ନତ ଉପାୟ ବାହାର କରାଗଲେ ତାହା ହୁଏତ ପରିଚାଳକଙ୍କ ପକ୍ଷେ ଅଧିକ ଲଢ଼େଇ ପାଇଁ ସହାୟକ ହୋଇପାରିବ ।

ସୈନିକ ମୁଁ ସୀମାନ୍ତ ଯୋଦ୍ଧା

ରାମଚନ୍ଦ୍ର ପ୍ରଧାନ

ମୁଁ ସୀମାନ୍ତ ଯୋଦ୍ଧା ବୀର ସଇନିକ
ବୀରତା ମୋ ପରିଚୟ
ଜନମ ମୋହର ଦେଶ ସେବା ପାଇଁ
ମରିବାକୁ ନାହିଁ ଭୟ...

ଶତ୍ରୁର ଗୁଳିକୁ ଖାତିରରି ନ କରରି
ସୀମାରେର କରେ ମୁଁ ଯୁଦ୍ଧ
ପଛ ଘୁଞ୍ଚା ନାହିଁ ଏ ବୀର ଜାତକେ
ଅସ୍ତ୍ରଶସ୍ତ୍ର ସ୍ୱୟଂସିଦ୍ଧ...

ଦେଶପ୍ରେମ ବହ୍ନି ହୃଦୟରେର ଜାଳି
ରଖିବି ଜାତିରର ଟେକ
ନିପାତ କରିବି ମୋ ଦେଶରରୁ ଶତ୍ରୁ
ସାଜିକି ଦେଶ ରକ୍ଷକ...

ପ୍ରାଣଠାରୁ ବଳି ଅଟେ ମାତୃଭୂମି
ଏକଥା ରଖିବି ଧ୍ୟାନ
ସେବା ପାଇଁ ତା'ରରର ଗଲେ ପଛେ ଯାଉ
ମୋର ଏ ତୁଚ୍ଛ ଜୀବନ...

ସୈନିକ ବୋଲି ମୁଁ ଗର୍ବେ କହୁଅଛି
ଫୁଲାଇ ମୋହର ଛାତି
ଉଜାଗରର ରହି ସୀମାରେ ଜଗିବି
ନମାନି ଦିନ କି ରାତି...

+ ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

ଅଇଲା କଳା ପାହାଡ.....

ଡାକ୍ତର ସୁରେନ୍ଦ୍ରନାଥ ଦାଶ

କଳାପାହାଡ ଓଡିଆ ଜାତି ପାଇଁ ଏକ ଭୟଙ୍କର ଦୁସ୍ୱପ୍ନ ଭଳି ଥିଲା । ତାର ବର୍ବର ଆକ୍ରମଣରେ ଖାଲି ମଣିଷ ନୁହେଁ, ଦେଶର ଦେବା ଦେବୀ ମାନେ ମଧ୍ୟ ଅସହାୟ ହୋଇ ପଡିଥିଲେ । ତାର ରଣ ଦୁନ୍ଦୁଭି ଶୁଣି ଦେବୀ ମାନଙ୍କର ନାକ ଛିଣ୍ଡି ପଡୁଥିଲା ଓ ଓଡିଶାରେ ନାକଚଣ୍ଡି ଦେବୀ ଙ୍କ ସୃଷ୍ଟି ହେଲା । କେଉଁ ଦେବୀ ପୋଖରୀରେ ଲୁଚିଲା ତ କିଏ ବେଶ ବଦଳାଇ ଦେଉଳ ଛାଡି ପଳାଇଲା । ବୀର ବୋଲି ଦାବି କରୁଥିବା କୌଣସି ଜାତି ଜଣେ ବ୍ୟକ୍ତି ପାଖରେ ଏପରି ଭୟଗ୍ରସ୍ତ ହୋଇଯିବା ପୃଥିବୀ ଇତିହାସରେ ଅନ୍ୟତ୍ର ଦେଖାଯାଏ ନାହିଁ । ଏବେବି ଓଡିଶାର କେଉଁ ଅଭ୍ୟନ୍ତରରେ ଗାଁ ଲୋକ ତାଙ୍କ ଗାଁକୁ କଳାପାହାଡ ଆସି ଚାପଡା ମାରି ଗାଁ ର ଦେବୀଙ୍କ ମୁହଁ କୁ ବଙ୍କା କର ିଦେଇଛି ବୋଲି କହି ଥାଆନ୍ତି ।

କିଏ ଏହି କଳାପାହାଡ ? ଏହାର କାହାଣୀ ସତ୍ୟ ନା କିମ୍ବଦନ୍ତୀର ସମାରୋହ ? ନିଜର ସତ୍ୟ ଇତିହାସ ବଦଳରେ ଅବାସ୍ତବ, କପଳୋକଳ୍ପିତ କାବ୍ୟ କାହାଣୀ ଲେଖିବାରେ ଅଭ୍ୟସ୍ତ ଜାତିର କୌଣସି ଲେଖାରୁ ସତ୍ୟ ବିବରଣୀ ମିଳିବା ସମ୍ଭବ ନୁହେଁ । ମାତ୍ର ମାଦଳା ପାଞ୍ଜି ଯାହାକି ଆମର ଇତିହାସ ପାଇଁ ଏକମାତ୍ର ସହାୟ, ସେଥିରେ ଓ ମୁସଲମାନଙ୍କ ଇତିହାସରେ ତାହାର ବିବରଣୀ ମିଳେ । ସତ୍ୟ ଅପେକ୍ଷା କିମ୍ବଦନ୍ତୀ ଓ କଳ୍ପନା କଳାପାହାଡର ବିବରଣୀକୁ ବେଶୀ ଆଚ୍ଛନ୍ନ କରିଛି । ଆଜିର କାହାଣୀକୁ ଶହେ ବର୍ଷ ପରେ ଲୋକେ ସତ୍ୟ ବୋଲି ଦାବି କରିବେ, ଆମର ପୂର୍ବ ପୁରୁଷ କାହାଣୀ ଲେଖିଲା ବେଳେ ଏହି ସତ୍ୟ ଟି ଭୁଲି ଯାଇଥିଲେ ।

କଳାପାହାଡ ଷୋଡଶ ଶତାବ୍ଦୀର ଏକ ଐତିହାସିକ ଚରିତ୍ର । ସେତେବେଳେ ମୁସଲମାନ ଆଫଗାନ ମାନେ ବେଙ୍ଗଲ କୁ ଶାସନ କରୁଥାଆନ୍ତି । ମୋଗଲ ମାନଙ୍କ ଦ୍ୱାରା ଦିଲ୍ଲୀରୁ ବିତାଡିତ ହୋଇ ସେମାନେ ସୁଦୂର ବଙ୍ଗଳା ମାଟିରେ ଆଶ୍ରୟ ନେଇ ଥାଆନ୍ତି ଓ ପଡୋଶି ଓଡିଶା ଉପରେ ଲୋଲୁପ ଦୃଷ୍ଟି ପକାଉ ଥାଆନ୍ତି । ଗଙ୍ଗ ଓ ସୂର୍ଯ୍ୟ ବଂଶର ଶକ୍ତିଶାଳୀ ନରପତି ମାନଙ୍କ ଦ୍ୱାରା ବାରମ୍ବାର ପରାଜିତ, ଲଜିତ ହେଲେ ମଧ୍ୟ ସେମାନଙ୍କର ଅଭ୍ୟାସ ବଦଳୁ ନଥାଏ । ତଥ୍ୟ ଅନୁଯାୟୀ କଳାପାହାଡ ଆକ୍ରମଣ ୧୫୬୮ମସିହାରେ ହୋଇଥିଲା । ସେତେବେଳକୁ ଓଡିଶାର ଗଜପତି ରାଜବଂଶର ଅବକ୍ଷୟ ଆରମ୍ଭ ହୋଇ ଯାଇଥାଏ । ସମ୍ରାଟ ପ୍ରତାପରୁଦ୍ର ଦେବ ବିଜୟ ନଗର ନରପତି କୃଷ୍ଣଦେବ ରାୟଙ୍କ ଠାରୁ ହାରିଲା ପରେ ଗୋଦାବରୀ ନଦୀର ଦକ୍ଷିଣକୁ ସମସ୍ତ ଭୂଖଣ୍ଡ ସବୁଦିନ ପାଇଁ ଓଡିଶାରୁ ଚାଲିଗଲା । ତାଙ୍କ ପରେ ଦେଶରେ ଗୃହ ଯୁଦ୍ଧ ଓ ହତ୍ୟାକାଣ୍ଡ ମାନ ଘଟି ଅସ୍ଥିରତା ସୃଷ୍ଟି ହେଲା । ଶେଷକୁ ଚାଲୁକ୍ୟ ବଂଶର ମୁକୁନ୍ଦଦେବ ବାହୁବଳେନ୍ଦ୍ର ସିଂହାସନରେ ବସିଲେ । ତାଙ୍କର ଅନେକ ଶତ୍ରୁଥିଲେ । ମୋଗଲ ବାଦଶା ଆକବର ବଙ୍ଗଳା ଆକ୍ରମଣ ଲକ୍ଷ୍ୟ ନେଇ ମୁକୁନ୍ଦାଦେବଙ୍କ ସହ ବନ୍ଧୁତାର ହାତ ବଢାଇଲେ ଓ ତାହାକୁ ମୁକୁନ୍ଦ ଦେବ ସ୍ୱୀକୃତି ଦେଲେ । ପ୍ରକାରାନ୍ତରେ ମୁକୁନ୍ଦ ଦେବ ବଙ୍ଗ ନବାବଙ୍କ ଶତ୍ରୁ ହୋଇଗଲେ । ତାଛଡା ବଙ୍ଗଳାର ବିଦ୍ରୋହି ପୂର୍ବତନ ନବାବ ଇବ୍ରାହିମ ଓଡିଶା ଆସି ଗଜପତିଙ୍କର ଆଶ୍ରୟରେ ଜମି ଓ ବୃତି ପାଇ ରହିବା ବଙ୍ଗ ନବାବ ଙ୍କର ସହ୍ୟ ହେଲାନି । ଏହା ମଧ୍ୟରେ ଆକବର ମେବାର ଆକ୍ରମଣ କରିବାକୁ ଚାଲି ଗଲେ । ଚିତୋର ଦୁର୍ଗ ଅବରୋଧ ଅନେକ ଦିନ ଚାଲିଲା । ଏହା ସୁଯୋଗ ମନେକରି ବଙ୍ଗସୁଲତାନ ସୁଲେମାନ କରରାଣି ଓଡିଶା ଆକ୍ରମଣ ପାଇଁ ଦିଓଟି ସୈନ୍ୟ ବାହିନୀ ପଠାଇଲେ । ଆକବର ଓଡିଶାକୁ କୌଣସି ସାହାଯ୍ୟ ଦେଇ ପାରିଲେ ନାହିଁ ।

କରରାଣୀ ଙ୍କ ପୁଅ ବାୟାଜିଦ କରରାଣି ଗଙ୍ଗା ଅତିକ୍ରମ କରି ଓଡିଶା ଭିତରକୁ ପଶି ଆସିଲେ । ସେତେବେଳେ ଗଙ୍ଗା ନଦୀ ଓଡିଶାର ଉତର ସୀମା ଥିଲା । ତାକୁ ବାଧା ଦେବାକୁ ନିଜେ ମୁକୁନ୍ଦ ଦେବ ସୈନ୍ୟ ସହ ଗଙ୍ଗା କୂଳକୁ ଯାତ୍ରା କଲେ । ମୁସଲମାନ ସୈନ୍ୟଙ୍କୁ ତଡି ଦେଲେ ଓ ମାଆଙ୍କ ପାଇଁ ଗଙ୍ଗାରେ ତ୍ରିବେଣୀ ଘାଟ ପ୍ରତିଷ୍ଠା କଲେ । ଏହା ମଧ୍ୟରେ ବାୟାଜିଦ ର ସେନାପତି କୁଖ୍ୟାତ କଳାପାହାଡ ଅରଣ୍ୟ ପଥଦେଇ ରାଜଧାନୀ କଟକ ର ବାରବାଟି ଦୁର୍ଗ ଆକ୍ରମଣ କଲେ । ଯୁଦ୍ଧରେ ଓଡିଆ ସେନାପତି କୁନି ସାମନ୍ତସଂହାର ନିହତ ହେଲେ । ଦୁର୍ଗ ଲୁଣ୍ଠିତ ହେଲା । ମହାରାଣୀ ଆତ୍ମସମର୍ପଣ କଲେ ।

ଏ ଖବର ପାଇ ମୁକୁନ୍ଦ ଦେବ ଦ୍ରୁତଗତିରେ ରାଜଧାନୀ ରକ୍ଷା ପାଇଁ ଆସିଲାବେଳେ ଯାଜପୁର ର ଗୋହିରା ଟିକିରି ଠାରେ ସାମନ୍ତ ସାରଙ୍ଗଗଡର ରାଜା ରାମଚନ୍ଦ୍ର ଭଞ୍ଜ ଙ୍କ ଦ୍ୱାରା ବାଧା ପାଇଲେ ଓ ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା । ଶିଖି ଓ ମନାଇ ନାମକ ଦୁଇଜଣ ବିଶ୍ୱାସଘାତକ ପାଇକ ମୁକୁନ୍ଦଦେବ ଙ୍କୁ ଗୁପ୍ତ ହତ୍ୟା କଲେ । ଠିକ ସେହିଦିନ ରାମଚନ୍ଦ୍ର ଦେବ ମୁସଲମାନ ସୈନ୍ୟଙ୍କ ଆକ୍ରମଣରେ ନିହତ ହେଲେ ।

କଳା ପାହାଡ ତାର ଦୁର୍ଦ୍ଧାନ୍ତ ବାହିନୀ ସହ ପୁରୀ ଆଡେ ମାଡି ଚାଲିଲା । (କ୍ରମଶଃ)

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ମୋ:୯୪୩୭୨୩୫୩୮୬

ପ୍ରବାସୀ ଓଡ଼ିଆଙ୍କ ଭାଗ୍ୟ !

ଶରତ କୁମାର ରାଉତ

ଓଡ଼ିଶାର ମାଟି ତଳେ ପ୍ରଚୁର ଖଣିଜ ସଂପଦ ଭରି ରହିଛି। ପ୍ରାକୃତିକ ଦୃଶ୍ୟରାଜିରେ ଭରା ଓଡ଼ିଶା ଦେଶ ବିଦେଶରେ ଏକ ମନୋରମ ରାଜ୍ୟ ଭାବେ ପରିଚିତ। ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ। ଓଡ଼ିଶା ମନ୍ଦିର ମାଳିନି ରାଜ୍ୟ ଭାବେ ସର୍ବ ବିଦିତ। କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ଗଚ୍ଛିତ ମୋଟ କ୍ରୋମାଇଟ୍ ମଧ୍ୟରୁ କେବଳ ଓଡ଼ିଶାରେ ୯୪.୪ ଶତକଡ଼ା ରହିଥିବା ବେଳେ ବକ୍ସାଇଟ୍ ୫୯.୫ ଶତକଡ଼ା, ଲୁହାପଥର ୩୨.୯ ଶତକଡ଼ା, ମାଙ୍ଗାନିଜ୍ ୬୭.୬ ଶତକଡ଼ା, କୋଇଲା ୨୪.୮ ଶତକଡ଼ା, ଗ୍ରାଫାଇଟ୍ ୭୧.୦ ଶତକଡ଼ା, ନିକେଲ୍ ୯୧.୮ ଶତକଡ଼ା, ଚାଇନା କ୍ଲେ ୩୧.୫ ଶତକଡ଼ା, ଡ଼ୋଲ୍ ମାଇଟ୍ ୧୭.୯ ଶତକଡ଼ା, ଫାୟାର୍ କ୍ଲେ ୨୫.୬ ଶତକଡ଼ା, ମିନେରାଲ୍ ସ୍ୟାଣ୍ଡସ ୩୦.୮ ଶତକଡ଼ା, ପିରୋଫାଇଲିଟ୍ ୬୫.୧ ଶତକଡ଼ା ଆଦି ବହୁ ଖଣିଜ ସଂପଦ ଭରି ରହିଛି। ରାଜ୍ୟରେ ୭୦ କୋଟି ଘନମିଟର ଭୂତଳ ଜଳ ଗଚ୍ଛିତ ରହିଛି, ଯାହା ଦେଶର ମୋଟ ଜଳ ସଂପଦର ୧୧ ଶତକଡ଼ା। ରାଜ୍ୟରେ ୭୯ ଲକ୍ଷ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ଏଥିରୁ ମାତ୍ର ୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ଓ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଅର୍ଥକାରୀ ଫସଲ ହେଉଛି। ଅନ୍ୟପକ୍ଷରେ ପ୍ରାୟ ୧୧.୫ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଥିବା ବେଳେ ବାକି ଜମି ଜଳସେଚିତ ହୋଇନାହିଁ। ପାଖାପାଖି ୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ସମ୍ଭବ ନୁହେଁ। ତଥାପି ଚାଷ ହୋଇ ପାରୁନଥିବା ଜମିକୁ ଉତ୍ପାଦନକ୍ଷମ କରାଯିବାର ଆବଶ୍ୟକତା ରହିଛି। ସେହିପରି ଆମ ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ଼ଲେ କଇଁଛ ମାନଙ୍କ ଏନ୍ଥୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ମାତ୍ର ଓଡ଼ିଶାରେ ସବୁକିଛି ଥିବା ସତ୍ତ୍ୱେ ଓଡ଼ିଶା ଦରିଦ୍ର ବୋଲି କୁହାଯାଇ ଆସୁଛି। ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଏଠାରେ ଦାରିଦ୍ର୍ୟର ଉତ୍ପାତ ବେଶୀ। ଦିନେ ଓଡ଼ିଶାର ଅନାହାର ମୃତ୍ୟୁ ଖବର ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଥିଲା। ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ...ଇତ୍ୟାଦି।

ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି। ଆମ ରାଜ୍ୟରେ ଆମ ଖଣିଜ ସଂପଦର ଉପଯୁକ୍ତ ବିନିଯୋଗ ହୋଇ ପାରୁନଥିବାରୁ ଖୁବ୍ କମ୍ ମୂଲ୍ୟରେ ଆମ ଖଣିଜ ସଂପଦ ବାହାରକୁ ରପ୍ତାନୀ ହୋଇ ସେଠାରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଅନେକ ବର୍ଷ ତଳୁ କେତେକ ବୃହତ୍ କମ୍ପାନୀ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସୁଛନ୍ତି। କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସଂକେତ ହୋଇଛି। ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ, ଆଇନକାନୁନ୍ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ଅଭିନବ ଯୋଜନା ପ୍ରଣୟନ କରାଯାଇଛି।

ହେଲେ ଏସବୁ ଉନ୍ନୟନ ଯୋଜନା ବାସ୍ତବ ନା ଫମ୍ପା ପ୍ରଚାର, ସେଥିରେ ଲୋକେ ମୁଣ୍ଡ ଖେଳାନ୍ତିନି। ରାଜ୍ୟର ଅଧିକାଂଶ ଲୋକେ ଗଭୀରକୁ ଯିବାକୁ ଚାହାନ୍ତିନି। ଆମ ରାଜ

ସାଲାଡ ଖାଉଥିଲେ...

ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ନିୟମିତ ଭାବେ ଦ୍ୱିପହର ଓ ରାତ୍ରି ଭୋଜନ ପୂର୍ବରୁ ସାଲାଡ ଖାଇବା ସ୍ୱାସ୍ଥ୍ୟ ଉପରେ ଉ ମ ପ୍ରଭାବ ପକାଇଥାଏ । ଅନେକ ବର୍ଷ ପନ୍ଦର ବେ ଇଉରୋପ ଓ ଆମେରିକାର ଧନିକ ଗୋଷ୍ଠୀର ଲୋକେ ହିଁ ସାଲାଡ ଖାଉଥିଲେ । ସେ ସମୟରେ କେବଳ ଭେଜ ସାଲାଡ ଉପଲବ୍ଧ ଥିଲା । ଆଜିର ସମୟରେ କିନ୍ତୁ ଉଭୟ ଭେଜ, ନନଭେଜ ଓ ଫ୍ରୁଟ୍ ସାଲାଡ୍ ମଧ୍ୟ ମିଳୁଛି । ଗତ ବର୍ଷ ନଭେମ୍ବରରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବିଶ୍ୱର ପ୍ରାୟ ୮୦% ଲୋକ ସାଲାଡ ଖାଇବାର ସଠିକ ପ୍ରଣାଳୀ ଜାଣିନଥିବାର ସ୍ପଷ୍ଟ ହୋଇଛି ।

ସବୁବେଳେ ସତେଜ କଟା ହୋଇଥିବା ପନିପରିବା ଓ ଫଳର ସାଲାଡ ଖାଇବା ଉଚିତ । ରେସ୍ତୋରାଁରେ ସାଲାଡ ବରାଦ କରୁଥିଲେ, ତାହା ସତେଜ କି ନୁହେଁ, ତାହା ପରଖିନେବା ଜରୁରୀ । ପୂର୍ବରୁ ସାଲାଡ କାଯି କରି ରଖାଗଲେ, ତାହାର ପୋଷକତ ୍ ନାଷ୍ଟ ହୋଇଯାଏ । ଫଳ ସାଲାଡକୁ ସପ୍ତାହରେ ଅନ୍ତତଃ ୩-୪ଥର ଖାଇବାଉଚିତ । ବିଭିନ୍ନ ପ୍ରକାର ଫଳକୁ ମିଶାଇ ସେଥିରେ କଳା ଲୁଣ ମିଶାଇ ଖାଇଲେ ହଜମ କ୍ଷମତା ବଢ଼ାଇଥା, । ଏହି ସାଲାଡକୁ ଦ୍ୱିପ୍ରହର ଭୋଜନ ପୂର୍ବରୁ ଆପଣ ଖାଇଲେ ତାହାର ଶରୀର ଉପରେ ଭଲ ପ୍ରଭାବ ପଡ଼େ । ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନ ସାଥିରେ ସାଲାଡ ନଖାଇ ବରଂ କିଛି ସମୟ ପୂର୍ବରୁ ଖାଇବା ଉଚିତ । ସାଲାଡରେ ମାୟୋନିଜ ଓ ଟମାଟୋ ସସ ଇତ୍ୟାଦି ମିଶାଇଲେ ତାହାର ପୋଷକତ ୍ ନଷ୍ଟ ହୋଇଥାଏ । କେବଳ ଲେମ୍ବୁ ରସ, କଳା ଲୁଣ ଓ ଦହି ମିଶାଇ ସାଲାଡ ଖାଇବା ଭଲ ।

ଏଗଫିଲ୍ଟ ଓ ମେଗାପଡ

ଅଧିକାଂଶ ପକ୍ଷୀ ନିଜ ଶରୀରର ତାପମାତ୍ରାରେ ଅଣ୍ଡା ଉଷୁମାନ୍ତି କିନ୍ତୁ ମେଗାପଡ ସେପରି କରେ ନାହିଁ । ଗମଗାପଡ ଦେଖିବାକୁ କୁକୁଡ଼ା ଭଳି । ମାଟିରେ ସେମାନେ ଅଣ୍ଡା ପୋତି ସେହି ଉତ୍ତାପରେ ଅଣ୍ଡା ଫୁଟାନ୍ତି । ମାଟିରେ ପତ୍ର ଆଦି ରଖି ସେମାନେ ଅଣ୍ଡା ପୋତନ୍ତି । ସେମାନଙ୍କର ଏହି ବସା ମେଲ ମେଗାପଡ ତିଆରି କରନ୍ତି ଓ ଯଦି ଅଣ୍ଡାଗୁଡ଼ିକ ତା' ଭିତରେ ଉଷୁମରେ ନ ରହେ ତା' ହେଲେ ତା' ପାଇଁ ଦାୟୀ ମେଲମେଗାପଡ଼ଙ୍କୁ କରାଯାଏ । ଫିମେଲ ଅଣ୍ଡା ଦେବା ପରେ ସେହି ସ୍ଥାନ ଛାଡ଼ି ଚାଲିଯାଏ । ସେହି ସ୍ଥାନର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ତା' ଉପରେ ମାଟି ତଥା ପତ୍ର ପକାଯାଏ । ଏହି ପକ୍ଷୀ ହିଁ ନିଜେ ମାଟି ଖୋଳି ଅଣ୍ଡା ବାହାର କରନ୍ତି । ମେଗାପଡ଼ ତା ଛୁଆର ଯତ୍ନ କେବେ ନେଇ ନ ଥାଏ କି ଖାଇବାକୁ ଖାଦ୍ୟ ଯୋଗାଏ ନାହିଁ । ମେଗାପଡ ଫାମିଲିରେ ୨୦ ପ୍ରଜାତି ଅଛନ୍ତି । ଇଣ୍ଡୋନେସିଆ, ନ୍ୟୁଗୁନିଆ, ପଲିନେସିଆ, ଆଣ୍ଡାମାନ ତଥା ନିକୋବର ଦ୍ୱୀପପୁଞ୍ଜରେ ଏମାନେ ଦେଖାଯାନ୍ତି । ଏହି ଦ୍ୱୀପପୁଞ୍ଜର ଅଧିବାସୀମାନେ ମେଗାପଡ ଅଣ୍ଡାକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । କୁକୁଡ଼ା ଅଣ୍ଡାଠାରୁ ଏହି ଅଣ୍ଡା ପଚାଶ ପ୍ରତିଶତ ବଡ଼ । ଏହାର ଉପର ଖୋଳପା ପତଳା ଓ କେଶର ଆକାର ଖୁବ ବଡ଼ । ଏହି ସବୁ ସ୍ଥାନମାନଙ୍କରେ ମେଗାପଡ଼

ଅଣ୍ଡାକୁ ଡାଏଟର ମୁଖ୍ୟ ଭାବେ ଗ୍ରହଣ କରାଯାଏ ଏବଂ ଏହି ଅଣ୍ଡା ହିଁ ସେମାନଙ୍କ ରୋଜଗାରର ମୁଖ୍ୟ ମାଧ୍ୟମ । । ସାଭୋ ଦ୍ୱୀପପୁଞ୍ଜରେ ବଡ଼ 'ଏଗଫିଲ୍ଟ' ରହିଛି । ସେହି ସ୍ଥାନରେ ମେଗାପଡ ତିନିରୁ ଚାରି ଫୁଟ ଗଭୀରରେ ଅଣ୍ଡା ପୋତିଥାଏ । ଏହି ସ୍ଥାନରେ ହଟ ମଡ ଲେକ ରହିଛି ଓ ଏହାର ମାଟି ପ୍ରାକୃତିକ ଭାବେ ଉଷ୍ମ ରହିଥାଏ । ପକ୍ଷୀମାନେ ସନ୍ଧ୍ୟା ନଚେତ ରାତିରେ ଅଣ୍ଡା ରଖିବାକୁ ଏହି ସ୍ଥାନକୁ ଆସନ୍ତି ।

'ଫିଶ୍ ପେଡିକିୟୋର' କରାଇବା ପୂର୍ବରୁ ସତର୍କତା

ପାଦକୁ ବିଶ୍ରାମ ଦେବାକୁ ଚାହୁଁଥିଲେ, ଏଇ ବିଶେଷ ଧରଣର 'ଫିଶ ଫେଡ଼ିକିୟୋର' ନିଶ୍ଚିତ ଭାବେ କରାଇବା ଉଚିତ । ତେବେ ଏହା କରିବା ପୂର୍ବରୁ କେତୋଟି କଥା ପ୍ରତି ଦୃଷ୍ଟି ଦେବା ସହ ସତର୍କ ରହିବା ଆବଶ୍ୟକ । ଯଦି ଆପଣଙ୍କ ପାଦରେ ଖଣ୍ଡିଆ ହୋଇଛି, ତେବେ ଏଇ ପେଡ଼ିକିୟୋର କରାଇବା ଅନୁଚିତ । ଏହା କାରଣରୁ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି । ପାଦ ପାଣିରେ ରଖିବା ମାତ୍ରେ କୁଣ୍ଡାଇହେଲେ କିମ୍ବା ରକ୍ତ ବାହାରିଲେ ତୁରନ୍ତ ବାହାର କରିନିଅନ୍ତୁ । ମଧୁମେହ ରୋଗୀ ହୋଇଥିଲେ, ଫିଶ ପେଡ଼ିକିୟୋର ଭୁଲରେ ମଧ୍ୟ କରାନ୍ତୁନାହିଁ ।

ଶରୀରର ରୋଗପ୍ରତିରୋଧକ ଶକ୍ତି ଭଲ ନଥିଲେ ମଧ୍ୟ ଏହି ପେଡ଼ିକିୟୋର ଡାକ୍ତର ଦୂରେଇ ରହିବା ଉଚିତ ।

ପଇଡ଼ ପାଣି

ଭାରତର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ନଡ଼ିଆ ବିପୁଳ ପରିମାଣରେ ଉତ୍ପାଦିତ ହୁଏ । ଶରୀର ପାଇଁ ଏହା ଅତ୍ୟନ୍ତ ଉପକାରୀ । ସେହିପରି ପଇଡ଼ ପାଣି ମଧ୍ୟ କମ ଉପକାରୀ ନୁହେଁ । ପ୍ରତି ପଇଡ଼ରେ ହାରାହାରି ୨୦୦ରୁ ୨୫୦ ମିଲିଲିଟର ପାଣି ରହିଥାଏ, ଯାହା ବିଭିନ୍ନ ଭିଟାମିନ, କ୍ୟାଲସିଅମ, ଟେଟୋସିୟମ ଓ ଫାଇବରରେ ପରିପୂର୍ଣ୍ଣ । ତା ସହିତ ଏହି ପାଣି ଆଣ୍ଟି ଅକ୍ସିଡେଣ୍ଟର ଏକ ପ୍ରମୁଖ ଉତ୍ସ ।

୧ ପଇଡ଼ ପାଣିରେ ଥିବା ଏକାଧିକ ପୋଷକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖେ । ଏହାର ଆଣ୍ଟି-ଅକ୍ସିଡେଣ୍ଟ ଗୁଣ ତ୍ୱଚା ଓ କେଶ ଉପରେ ବୟସର ପ୍ରଭାବ ହ୍ରାସ କରେ ।

୨ ହୃଦରୋଗୀଙ୍କ ପାଇଁ ନିୟମିତ ବ୍ୟାୟାମ ଓ ସନ୍ତୁଳିତ ଖାଦ୍ୟ ନିହାତି ଜରୁରୀ । ତା ସହିତ ପଇଡ଼ ପାଣି ମଧ୍ୟ ସେମାନଙ୍କ ପାଇଁ ହିତକାରୀ । ଏହା 'ଲିପିଡ ମେଟାବୋଲିଜମ'କୁ ନିୟନ୍ତ୍ରିତ କରେ । ଫଳରେ ହୃଦଘାତ ଆାଙ୍କ କମ ହୁଏ, ତେବେ ଏଥିପ୍ରତି ସତର୍କତା ଅବଲମ୍ବନ କରାଯିବା ଉଚିତ । କାରଣ ଏଥିରେ ଶର୍କରାଥାଏ, ଯାହା ହୃଦରୋଗୀଙ୍କ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ନିୟମିତ ପଇଥଡ଼ ପାଣି ପିଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

୩ ଉଚ୍ଚ ରକ୍ତଚାପ ଭୋଗଥିବା ରୋଗୀଙ୍କ ପାଇଁ ପଇଡ଼ ପାଣି ଏକ ଉତ୍ତମ ପାନୀୟ କୋଲେଷ୍ଟରଲ ନିୟନ୍ତ୍ରଣ କରିବାର କ୍ଷମତା ମଧ୍ୟ ଏହାର ରହିଛି । ଏହାର 'ଆଣ୍ଟି-ଥ୍ରୋମ୍ବାଟିକ' ଗୁଣ ରକ୍ତ ସଚାଳନକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ । ତେଣୁ ଏହି ରୋଗୀ ପ୍ରତିଦିନ ଗୋଟିଏ ଗ୍ଲାସ ତାଜା ପଇଡ଼ ପାଣି ପିଇବା ଉଚିତ ।

୪ ପଇଡ଼ପାଣି ଏକ ମୂତ୍ରବର୍ଦ୍ଧକ ଉପାଦାନ । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆ ତତ୍ତ୍ୱ କିଡନୀରେ ସହଜରେ ପଥର ଜମିବାକୁ ଦିଏ ନାହିଁ ।

୫ ନିୟମିତ ପଇଡ଼ ପାଣି ପିଇବା ହେଉଛି ଓଜନ କମ କରିବାର ଅନ୍ୟତମ ସହଜ ଉପାୟ । ଏଥିରେ 'ଓ୍ୱାଟର ଡାରଟନ' ନାମକ ଏକ ଫାଇବର ଥାଏ ଯାହା ଖାଦ୍ୟକୁ ଧୀରେଧୀରେ ହଜମ କରେ । ଫଳରେ ଶୀଘ୍ର ଭୋଗ ହୁଏ ନାହିଁ ।

ଶରୀରର ପାଣି ଅଂଶ ଜମି ଗଲେ ଡିହାଇଡ୍ରେସନ ହୁଏ । ସେ ସମୟରେ ପଇଡ଼ ପାଣି ପିଇଲେ ଏହି ସମସ୍ୟା ଦୂର ହୋଇଥାଏ । ଶରୀରରେ କ୍ୟାଲସିଅମ ମାତ୍ରା କମିଗଲେ ହାଡ଼ ଦୁର୍ବଳ ହୁଏ । ବିଶେଷ କରି ମହିଳାମାନଙ୍କଠାରେ ଦେଖାଯାଏ । ତେଣୁ ସେମାନଙ୍କୁ ପଇଡ଼ ପାଣି ପିଇବାକୁ ପରାମର୍ଶ ଦିଆଯାଏ ।

୮ ଅଲଜାଇମର ରୋଗୀ ପଇଡ଼ ପାଣି ପିଇବା ଉଚିତ । କାରଣ ବୈଜ୍ଞାନିକମାନଙ୍କ କହିବା ଅନୁସାରେ ଏଥିରେ 'ଟ୍ରାନ୍ସ-ଜେଟିନ' ନାମକ ଏକ ପ୍ରକାର ସାଇଟୋକିନିନ (କୋଷିକା ବିଭାଜନକୁ ବଢ଼ାଉଥିବା ଏକ ପ୍ରକାର ହର୍ମୋନ) ଥାଏ । ଫଳରେ ଏହା ମସ୍ତିଷ୍କର କୋଷିକାଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ସ୍ମରଣ ଶକ୍ତି ବୃଦ୍ଧି କରେ ।

ରହସ୍ୟରେ ଭରା 'ଲେକ୍ ଅଫ୍ ନୋ ରିଟର୍ଣ୍ଣ'

ଭାରତ ଓ ମ୍ୟାଁମାର ସୀମାରେ ଥିବା ଝରଣା 'ଲେ ? ଅଫ ନୋ ରିଟର୍ଣ୍ଣ ଭିତରେ ରହିଛି ଅନେକ ରହସ୍ୟମୟ ଘଟଣାବଳୀ । ଏହି ଝରଣାଟି ମଧ୍ୟ ଏହି ରହସ୍ୟପୂର୍ଣ୍ଣ ଘଟଣା ଯୋଗୁ ଦୁନିଆରେ ବେଶ ଜଣାଶୁଣା । କୁହାଯାଏ ଯେ ଥରେ ଯିଏ ଏହି ଝରଣାର ପାଖ ମାଡ଼ିଛି ସେ ଆଉ ଫେରିପାରିନି । ଏହି ଝରଣାଟି ଅରୁଣାଚଳ ପ୍ରଦେଶରେ ଅବସ୍ଥିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ବିମାନ ପାଇଲଟ ଝରଣାକୁ ଏକ ସମତଳ ଜାଗା ଭାବି ଏମରଜେନ୍ସିଲାଣ୍ଡିଂ କରେଇଥିଲେ କିନ୍ତୁ ପରେ ଭଡ଼ା ଜାହଜ ସହିତ ପାଇଲଟ ମଧ୍ୟ ରହସ୍ୟଜନକ ଭାବେ ଉଭାନ ହୋଇଯାଇଥିଲେ । ଏହାପରେ ଆମେରିକା ସୈନ୍ୟ ନିଖୋଜ ଜାହାଜ ଓ ପାଇଲଟଙ୍କ ଅନୁସନ୍ଧାନ ପାଇଁ ଝରଣା ପାଖରେ ପହଞ୍ଚିଥିଲେ । ଆମେରିକ ସୈନ୍ୟମାନଙ୍କୁ ଜାହାଜ ନେଇ କୌଣସି ସୂଚନା ମିଳି ନଥିବାବେଳେ ସୈନ୍ୟମାନେ ମଧ୍ୟ ଅଚାନକ ଉଭାନ ହୋଇଯାଇଥିଲେ । ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ଜାହାଜ ରାସ୍ତା ଭୁଲିଯାଇ ଜାହାଜକୁ ଝରଣା ତଟରେ ଲାଣ୍ଡ କରିଦେଲେ କିନ୍ତୁ ସେହି ଜାହାଜ ଓ ଜାହାଜ ସମେତ ସେଥିରେ ଥିବା ପାଇଲଟ ସମେସ୍ତ ସେହି ବାଲିରେ ଧସି ହୋଇ ଯାଇଥିବାର ଲୋକ କଥା ଏବେ ବି ସେଠାରେ ଜୀବନ୍ତ । ପ୍ରତିବର୍ଷ ଏଠାକୁ ବହୁସଂଖ୍ୟକ ଲୋକ ବୁଲିବା ପାଇଁ ଆସନ୍ତି କିନ୍ତୁ କେହିଏ ଝରଣା ଭିତରକୁ ଯିବା ପାଇଁ ସାହସ କରନ୍ତି ନାହିଁ ।

ଟ୍ରେନରେ ଚାଲୁଛି ସ୍କୁଲ

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲ୍ଲାରେ ଏକ ସରକାରୀ ସ୍କୁଲ ରେଳଗାଡ଼ିରେ ଚାଲୁଛି । ଶୁଣିବାକୁ ଅଜବ ଲାଗିଲେ ବି ସତ । ଖଜରି ଗାଁରେ ମାଧ୍ୟମିକ ସ୍କୁଲକୁ ରେଳ ବଗି ପରି ସଜାଯାଇଛି ଓ ସ୍କୁଲ ଘରକୁ ଟ୍ରେନ ବଗି ପରି ଏସ-୧, ଏସ-୨ ନାଁ ରହିଛି । ସ୍କୁଲ 'ଏଜୁକେସନ ଏକ୍ସପ୍ରେସ' ନାଁରେ ପରିଚିତ । ସ୍କୁଲ ନକ୍ସା ଟ୍ରେନ ରୂପ ନେବା ପରେ ଯେଉଁ ପିଲାମାନେ ସ୍କୁଲ ଆସୁ ନଥିଲେ ଏବେ ସେମାନେ ପ୍ରତିଦିନ ସ୍କୁଲ ଆସୁଛନ୍ତି । ଆଦିବାସୀ ବହୁଳ ଡିଣ୍ଡୋରି ଜିଲ୍ଲାରେ ଏବେ ବି ଲୋକେ ରେଳ ସେବାରୁ ବଞ୍ଚିତ । ଯେଉଁ ଗାଁ ଲୋକ ଜୀବନରେ କେବେ ହେଲେ ରେଳ ଦେଖି ନଥିଲେ ଏହି ସ୍କୁଲ ସେମାନଙ୍କର ଟ୍ରେନ ଦେଖିବାର ଇଚ୍ଛା ପୂରଣ କରିଛି । କେବଳ ସେତିକି ନୁହେଁ ପିଲାମାନେ କହନ୍ତି ସ୍କୁଲ ରେଳଗାଡ଼ିରେ ପରିଣତ ହେବା ପରେ ପାଠପଢ଼ାରେ ବି ସେମାନଙ୍କର ମନ ଲାଗୁଛି । ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଛି । ଛାତ୍ରିଛାତ୍ରୀମାନେ ଗଛରେ ପାଣି ଦେବା କାର୍ଯ୍ୟକରନ୍ତି । ବିଦ୍ୟାଳୟକୁ ଆହୁରି ସୁନ୍ଦର କରିବା ପାଇଁ କିଛି ଶିକ୍ଷକ ନିଜ ଦରମାର କିଛି ଅଂଶ ସ୍କୁଲ ସାଜସଜାରେ ଖର୍ଚ୍ଚ କରୁଛନ୍ତି ।

ବାସନର ଗୁଣ

ରୋଷେଇଘରେ ବ୍ୟବହାର କରାଯାଉଥିବା ବିଭିନ୍ନ ଧାତୁର ବାସନ ସ୍ୱାସ୍ଥ୍ୟ ଉପରେ ଭିନ୍ନଭିନ୍ନ ପ୍ରଭାବ ପକାଇଥାଏ । ପୂର୍ବରୁ ଲୋକେ ନିଜନିଜ କ୍ଷମତା ଅନୁସାରେ ସୁନା, ଚାନ୍ଦି, କଂସା ଆଦି ଧାତୁରେ ତିଆରି ବାସନରେ ଖାଉଥିଲେ । ରୋଷେଇରେ ମାଟି ତଥା ଲୁହାର ବାସନ ବ୍ୟବହାର କରାଯାଉଥିଲା । ଏବେ ଆଲୁମିନିୟମ ଷ୍ଟିଲ, ନନଷ୍ଟିକ ପାତ୍ରରେ ରୋଷେଇ କରାଯିବା ସହ ଖାଦ୍ୟ ଖାଇବାରେ ବ୍ୟବହାର କରାଯାଉଛି । ବିଭିନ୍ନ ଧାତୁର ଶରୀର ପାଇଁ ଉପକାରୀ ଏବଂ ଅପକାରୀ ଗୁଣ ଥାଏ । ଶାସ୍ତ୍ର ବର୍ଣ୍ଣନା ଅନୁସାରେ ଏସବୁ ଗୁଣ ସମ୍ପର୍କରେ ଜାଣନ୍ତୁ ।

ପୂର୍ବରୁ ଲୋକେ ସୁନା ବାସନରେ ଖୁଥିଲେ । ଶଏହାଦ୍ୱାରା ଶାଣୀରିକ ବଳ ଓ ତେଜ ବୃଦ୍ଧି ହୁଏ । ସେହିପରି ରୂପା ବାସନରେ ଖାଇଲେ ମାନସିକ ଦୃଢ଼ତା ବଢ଼େ । ରକ୍ତ ସଞ୍ଚାଳନ ସଠିକ ରହେ । ୧୨ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ରୁପା ବାସନରେ ଖଶଇବାକୁ ଦେଲେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼େ । ସେଥିପାଇଁ ଅନ୍ନପ୍ରାସନ ସମୟରେ ମାମୁଘରୁ ରୁପା ବାସନ ଆସିଥାଏ । କଂସା ବାସନରେ ଖାଦ୍ୟ ପ୍ରସ୍ତୁତ କଲେ ମାତ୍ର ୩ପ୍ରତିଶତ ପୋଷକ ତତ୍ତ୍ୱ ନଷ୍ଟ ହୁଏ । ରକ୍ତ ଶୁଦ୍ଧ ହୋଇଥାଏ । ତମ୍ବା ପାତ୍ରରେ ପାଣି ପିଇବା ବ୍ୟକ୍ତିଙ୍କୁ ରୋଗମୁକ୍ତ କରେ । ଜଠରାଗ୍ନି ଶାନ୍ତ ରହେ । ଯକୃତ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ । ଏହି ପାଣି ଶରୀରର ବିଷାକ୍ତ ତତ୍ତ୍ୱ ନଷ୍ଟ କରିଦିଏ । ପିତ୍ତଳ ବାସନରେ ଖାଦ୍ୟ ରାନ୍ଧିବା ଏବଂ ଖାଇବା ଦ୍ୱାରା ବିଭିନ୍ନ ରୋଗ, କଫ ଏବଂ ବାୟୁଦୋଷ ନାଶ ହୁ, । ଏହି ବାସନରେ ଖାଦ୍ୟ ରାନ୍ଧିଲେ କେବଳ ୭ପ୍ରତିଶତ ପୋଷକ ତତ୍ତ୍ୱ ନଷ୍ଟ ହୁଏ । ଲୁହା ବାସନରେ ତିଆରି ହୋଇଥିବା ଖାଦ୍ୟ ଖାଇଲେ ଶରୀରର ଶକ୍ତି ବଢ଼େ । ଏହା ଖାଦ୍ୟରେ ଫଲିକ ଏସିଡ ମିଶାଇଥିବାରୁ ରକ୍ତହୀନତା ହୁଏ ନାହିଁ । ମାଟି ତିଆରି ପାତ୍ରରେ ରୋଷେଇ ହୋଇଥିବା ଖାଦ୍ୟ ଏବଂ ଏଥିରେ ପୋଷକ ତତ୍ତ୍ୱ ମିଳେ ଯାହା ପ୍ରତ୍ୟେକ ରୋଗରୁ ସୁରକ୍ଷିତ ରଖିଥାଏ । ଏବେ ବିଗଞ୍ଜାନ ମଧ୍ୟ ଏହାକୁ ସ୍ୱୀକାର କଲାଣି । ମାଟି ତିଆରି ପାତ୍ରରେ ରୋଷେଇ ହୋଇଥିବା ଖାଦ୍ୟ ଏବଂ ଏଥିରେ ଖଶଇବା ଦ୍ୱାରା ଏପରି ସୁରକ୍ଷିତ ରଖିଥାଏ । ଏବେ ବୀଜ୍ଞାନ ମଧ୍ୟ ଏହାକୁ ଶରୀରାକୁ ସ୍ୱୀକାର କଲାଣି । ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ ହେବାକୁ ଅଧିକ ସମୟ ଲାଗିଲେ ମଧ୍ୟ ଏହା ସ୍ୱାସ୍ଥ୍ୟ ପଇଁ ସମ୍ପୂର୍ଣ୍ଣ ଆଧୁନିକ ଯୁଗରେ ବ୍ୟବହାର କରାଯାଉଥିବା ଷ୍ଟିଲ ବାସନର ଶରୀରର ଉପରେ କୌଣସି ପ୍ରତିକ୍ରିୟା ନଥାଏ । ଆଲୁମିନିୟମରେ ନିର୍ମିତ ବାସନରେ ତିଆରି ଖାଦ୍ୟ ସ୍ମୃତି ।କ୍ତି ଏବଂ କିଡନୀ ଉପରେ ପ୍ରତିକୂଳ ପ୍ରଭାବ ପକାଏ । ପ୍ଲାଷ୍ଟିକ ବାସନରେ ଖାଇବା ବିଶେଷ କରି ଗରମ ଖାଦ୍ୟ ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଏବେକାର ନନଷ୍ଟିକ ବାସନରେ ରୋଷେଇ କରିବା ଦ୍ୱାରା ତେଲ କମ ଖର୍ଚ୍ଚ ହୁଏ ଏବଂ ଖାଦ୍ୟ ପୋଡ଼ିଯାଏ ନାହିଁ ତଥା ଆହୁରି ଏକାଧିକ ସୁବିଧା ରହିଛିତେବେ ଏହାର ନନଷ୍ଟିକ ପରନ୍ତୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ ।

ବାଦାମର ଉପକାରିତା

ବାଦାମକୁ ସମସ୍ତେ ଖାଇବା ସହିତ ଏଥିରୁ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ମଧ୍ୟ ତିଆରି କରନ୍ତି । କିନ୍ତୁ ବାଦାମରେ ଥିବା ଉପକାରିତା ବିଷୟରେ ଏଯାଏଁ ବି ଅନେକ ଅଜଣା । ବାଦାମ ଆମ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଆସନ୍ତୁ ଜାଣିବା ସ୍ୱାଦିଷ୍ଟ ବାଦାମରୁ ମିଳୁଥିବା ସ୍ୱାସ୍ଥ୍ୟକର ଉପକାରୀତା ବିଷୟରେ....

୧୫ରୁ୨୦ ଖଣ୍ଡ ବାଦାମକୁ ନେଇ ତାହାକୁ ଭଲ ଭାବରେ ପେଷ୍ଟ କରନ୍ତୁ ନଚେତ ୧ଚାମଚ ବାଦାମ ଗୁଣ୍ଡରେ ୨ଚାମଚ କ୍ଷୀର ଭଲ ଭାବରେ ଗୋଳାଇ କିଛି ମିନିଟ ପାଇଁ ଛାଡ଼ିଦିଅନ୍ତୁ । ତା ପରେ ଏହି ମିଶ୍ରଣକୁ ପୂରା ମୁହଁରେ ଲଗାନ୍ତୁ । ଲଗାଯାଇଥିବା ପେଷ୍ଟ ଶୁଖିଗଲା ପରେ ତାକୁ ହାଲୁକା ହାତରେ ଧୀରେଧୀରେ ଛଡ଼ାନନ୍ତୁ। ଏହି ପେଷ୍ଟ ଚେହେରା ରଙ୍ଗକୁ ଗୋରା କରିବା ସହିତ ଭଲ ମାଇଶ୍ଚରାଇଜ ଭଳି ମଧ୍ୟ କାମ କରେ । ଛୋଟ ପିଲା ପ୍ରତିଦିନ ୫ରୁ ୧୦ଖଣ୍ଡ ବାଦାମ ଖାଇଲେ ତାଙ୍କର ସ୍ମରଣ ଶକ୍ତି ପ୍ରଖର ହୁଏ । ଗର୍ଭବତୀ ମହିଳାମାନେ ପ୍ରତିଦିନ ୧୦ରୁ ୧୫ ଖଣ୍ଡ ଲେଖାଏଁ ବାଦାମ ଖାଇବା ଉଚିତ । ବାଦାମ ତେଲକୁ ତ୍ୱଚାରେ ଲଗାଇଲେ ଚିକ୍କଣ ହୁଏ ।

ଅର୍ଶ ରୋଗୀଙ୍କ ପାଇଁ ଖାଦ୍ୟ

ଅର୍ଶର ମୂଳ କାରଣ ହେଉଛି କୋଷ୍ଠକାଠିନ୍ୟ । ଡାକ୍ତରଙ୍କ ମତରେ ଅର୍ଶ ରୋଗୀମାନେ ପ୍ରଚୁର ପରିମାଣରେ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । କୋଷ୍ଠକାଠିନ୍ୟଠାରୁ ଦୂରେଇ ରହିବା ପାଇଁ ବିଶେଷ ଖାଦ୍ୟ ସବୁ ରହିଛି । ଏହି ଖାଦ୍ୟ ବାବଦରେ ସଚେତନ ରହିବା ଆବଶ୍ୟକ ।

କ'ଣ ଖାଇବେ:- ଦିନରେ ଦୁଇଥର ଫଳ, ପ୍ରବଳ ପରିମାଣରେ ପନି-ପରିବା ତରକାରୀ ଖାଆନ୍ତୁ । ସେଓ, କଦଳୀ, ପିକୁଳି, କମଳା, ନାସପାତି ଓ ଡାଳିମ୍ବରୁ ଯଥେଷ୍ଟ ତନ୍ତୁ ମିଳେ । ଚୋପା ନ ଛଡ଼ାଇ ପୂରା ଫଳ ଖାଆନ୍ତୁ । ଡିମିରି ଓ କିସମିସ ମଧ୍ୟ ଉପକାରୀ । ଶାଗ ମଧ୍ୟରେ ପାଳଙ୍ଗ ବଥୁଆ, କୋଶଳା, ଖଡ଼ା, ମେଥି ଉତ୍ତମ । ବିନ୍ସ, ମଟର ଛଇଁ, କୋବି, ଆଉ ଖାଆନ୍ତୁ । ତାହା ଛଡ଼ା ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ । କ'ଣ ଖାଇବେନାହିଁ: ଫଳ ରସ, ମଇଦା ରୁଟି-ପରଟା ବିସ୍କୁଟ, ପାସ୍ତା, ନୁଡୁଲ୍ସ, ନାନ ।

ଟିଏମସି କେନ୍ଦ୍ରରେ ମୋବାଇଲ୍ ଚୋରୀକୁ ନେଇ ଅଭିଯୋଗ

ଜଳେଶ୍ୱର,୨୪।୬ (ନି.ପ୍ର): ସରକାର ରାଜ୍ୟବାହାରେ ଥିବା ଶ୍ରମିକ ମାନଙ୍କୁ ନିଜ ରାଜ୍ୟକୁ ଫେରାଇବା ପ୍ରୟାସ ପରେ ସେମାନଙ୍କୁ ପ୍ରଥମେ ଟିଏମସି ସେଣ୍ଟରରେ ୧୪ଦିନ ସଂଗରୋଧରେ ରହିବାର ନିୟମ କରାଯାଇଛି । ଲକ୍ ଡାଉନ୍ ଯୋଗୁ ନିଜର ରୋଜଗାର ବନ୍ଦ ହୋଇଥିବା ବେଳେ ନିଜର ଝାଳବୁହା ଅର୍ଥରେ ମୋବାଇଲ୍‌ଟିଏ କ୍ରୟ କରି ରଖିଥିବା ବେଳେ ତାହା ସଂଗରୋଧ କେନ୍ଦ୍ରରୁ ଚୋରୀ ହେବା ଭଳି ଘଟଣା ଦେଖିବାକୁ ମିଳିଛି । ଜଳେଶ୍ୱର ବ୍ଲକର ଗୁଆଗଡିଆ ସଂଗରୋଧ କେନ୍ଦ୍ରରେ ରହିଥିବା ଡିପି ପୁର ଗ୍ରାମର ଅଶୋକ ଘୋଷ ଓ ଦେବେନ୍ଦ୍ର ଘୋଷଙ୍କ ମୋବାଇଲ୍ ସଂଗରୋଧ କେନ୍ଦ୍ରରୁ ଚୋରି ହେବାପରେ ସେମାନେ ଜଳେଶ୍ୱର ଥାନାରେ ଅଭିଯୋଗ କରିବା ସହିତ ଜଳେଶ୍ୱର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସଂଗରୋଧ କେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ସଂପକରେ ନୋଡାଲ ଅଫିସର ଅତୁଲ ପ୍ରଧାନ ଓ ସରପଂଚ ସତ୍ୟନାରାୟଣ ଦାସଙ୍କୁ ଜଣାଇଥିଲେ ମଧ୍ୟ ତାହା କୌଣସି କାର୍ଯ୍ୟକାରୀ ହୋଇନଥିଲା । ସଂଗରୋଧ କେନ୍ଦ୍ରରେଥିବା ଘରର କବାଟ ଭଂଗା ଥିବାରୁ ତାହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ମୋବାଇଲ୍ ଚୋରୀ କରିଥିବା ଅନୁମାନ କରାଯାଉଛି । ସଂଗରୋଧ କେନ୍ଦ୍ରରେ ଫେନ୍ ଚାଲୁନଥିବା, ପାଣି ଠିକ୍‌ଭାବେ ଯୋଗାଣ ହେଉନଥିବା, ଖାଇବା ଠିକ୍ ହେଉନଥିବା ଇତ୍ୟାଦି ଅଭିଯୋଗ କରି ସଂଗରୋଧ କେନ୍ଦ୍ରରେ ୧୪ଦିନ ବିତାଇଥିବା ଗୌରହରି ମହାନ୍ତି, ଅଶୋକ ଘୋଷ ଓ ଦେବେନ୍ଦ୍ର ଘୋଷ ପ୍ରମୁଖ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କର ମୋବାଇଲ୍ ମିଳିବା ସଂପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସେମାନେ ବାରମ୍ବାର ବିଡିଓ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି । ତେଣୁ ଏଥିପ୍ରତି ପୁଲିସ୍ କିମ୍ବା ଟିମ୍‌ସି ସେଣ୍ଟର ଦାୟିତ୍ୱରେ ଥିବା କର୍ମକର୍ତ୍ତା କିଛି ବୁଝୁନଥିବାରୁ ସେମାନେ ଆସନ୍ତା ଦିନରେ ବିଡିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବିସିବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

ଜାତୀୟ ରାଜପଥ କଡରେ ଦେଶି ମଦଭାଟି ଓ ବିଦେଶୀ ମଦ ଦୋକାନ, ସ୍ଥାନାନ୍ତର କରିବାକୁ ଦାବୀ

ନୂଆପଡ଼ା,୨୪।୬ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ ହୋଇଥିବା ବେଳେ ଏଠାରେ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ପ୍ରଶାସନିକ କ୍ଷେତ୍ରରେ ବିହୀତ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏହି ମଦ କାରବାର କମିବା ବଦଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସହରର ବିଭିନ୍ନ ୱାର୍ଡ, ଛକ ମାନଙ୍କରେ ମଦ କୋଠି ମାନ ରହିଥିବା ବେଳେ ସହରର ଅନେକ ହୋଟେଲ ମାନଙ୍କରେ ମନମୁଖି ଭାବରେ ମଦ ବିକ୍ରୟ ହେଉଛି । ଏପରିକି ରାୟପୁର-ଗୋପାଲପୁର ୩୫୩ ନଂ ଜାତୀୟ ରାଜପଥର ଖଡିଆଳ ସହର ଭିତରେ ମଦଭାଟି ଏବଂ ଗୁରୁନାନକ ଛକରେ ବିଦେଶୀ ମଦ ବିକ୍ରୟ କେନ୍ଦ୍ର ରହିଛି । ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇ ଭାଟି ଏବଂ ବିଦେଶୀ ମଦଦୋକାନକୁ ସ୍ଥାନାନ୍ତର କରିବାକୁ ଦାବୀ ହେଉଛି । ଦୀର୍ଘ ବର୍ଷରୁ ଦାବୀ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସହରର ବୋଡେନ ଛକ ନିକଟରେ ଦୀର୍ଘ ବର୍ଷରୁ ମଦଭାଟି ରହିଥିବା ବେଳେ ଏହି ଭାଟିରୁ ମଦ ତିଆରି ହୋଇ ଅ ଳର ବିଭିନ୍ନ ଭାଟି ମାନଙ୍କୁ ଯାଇ ମଦ ବିକ୍ରୟ ହେଉଛି । ଏହି ଜାତୀୟ ରାଜପଥ ଦେଇ ସହରର ଅନେକ ଦୋକାନ, ପ୍ରତିଷ୍ଠାନ, ସ୍କୁଲ, କଲେଜ ରହିଥିବା ବେଳେ ପ୍ରତ୍ୟହ ଶତାଧିକ ଲୋକ ଯିବା ଆସିବା କରିଥାନ୍ତି । ହେଲେ ଜିଲ୍ଲାର ଅବକାରୀ ବିଭାଗ ଦୃଷ୍ଟି ଦେଉନଥିବାରୁ ମଦ କୋଠୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଉନାହିଁ । ସେହିପରି ସହରର ଗୁରୁନାନକ ଛକ ନିକଟରେ ଏକ ବିଦେଶୀ ମଦ ଦୋକାନ ରହିଥିବା ବେଳେ ଏହି ମଦ ଦୋକାନକୁ ମଧ୍ୟ ସ୍ଥାନାନ୍ତର ନେଇ ଦୀର୍ଘବର୍ଷରୁ ଦାବୀ ହୋଇ ଆସୁଛି । ତଥାପି ପ୍ରଶାସନିକ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

ଦଲାଲରେ ଚାଲିଛି ଦଲାଲୀ, ଚେଇଁ ଉଠିଲା ରାଜସ୍ୱ ବିଭାଗ, ୫ଗାଡିରୁ ଲକ୍ଷେ ଆଦାୟ

ଭୁବନ,୨୪।୬ (ନି.ପ୍ର): ବନବିଭାଗର ଆକ୍ସନମୋଡରେ ଥିବାର ଦେଖି ରାଜସ୍ୱ ବିଭାଗ ତତ୍ପର ହୋଇଉଠିଛି । ପୂର୍ବାହ୍ନରେ ୫ଟ ଗାଡିରୁ ଲକ୍ଷେ ଟଙ୍କା ଆଦାୟ କରାଯାଇଛି । ଢେଙ୍କାନାଳ ଜିଲ୍ଲାର ମଧ୍ୟଦେଇ ବହିଯାଇଛି ବ୍ରାହ୍ମଣୀ ନଦୀ । ବାଲି ଚୋରୀ ନିୟମିତ ଭାବେ ହେଉଛି । ଯାହା ଗଣମାଧ୍ୟରେ ବାରମ୍ବାର ପ୍ରକାଶିତ ହୋଇଥିଲା । ତଥାପି ଦଲାର ଘାଟରୁ ଦଲାଲି କମିନଥିଲା । ଗାଡିଗୁଡିକ ଏହି ଘାଟରୁ ବାଲି ଲୋଡ କରି ଆସୁଛି । ଗୋଟିଏ ଟ୍ରାଜିଟିପାଶରେ ଦୁଇ ଦୁଇଥର ବାଲି ଚାଲାଣ ହୋଇଥିବା ଜଣାପଡିଥିଲା । ଏହା ଜାଣିପାରି ଭୁବନ ରାଜସ୍ୱ ଅଧିକାରୀ ତହସିଲଦାର ଶକ୍ତିକାନ୍ତ ରାୟ ବିଛାଇଥିଲେ ଜାଲ । ମାଫିଆମାନେ ତାଙ୍କ ଗତିବିଧିକୁ ଫଲୋ କରୁଥିବାରୁ ସେ ସରକାରୀ ଗାଡି ବଦଳାଇ ଅନ୍ୟ ଏକ ଗାଡିରେ ଡଭୁବନ ଥାନା ଠାରୁ ମାତ୍ର ୫୦୦ ମିଟର ଦୂରରେ ଛକି ବସିଥିଲେ । ସାଥୀରେ ଥିଲେ ରାଜସ୍ୱ ନିରିକ୍ଷକ ଶ୍ରୀକାନ୍ତ ପରିଡା । ଏହି ରାସ୍ତାରେ ଯାଉଥିବା ତିନୋଟି ସ୍ଥାନୀୟ ଟ୍ରକ ବିନା ଟ୍ରାନଜିଟପାଶରେ ଚେପସ ଓ ବାଲି ନେଉଥିବାରୁ ୫୦ ହଜାର ଟଙ୍କାର ଜୋରମନା ଆଦାୟ କରାଯାଇଥିଲା । ଅନୁଗୁଳ ସୁକିନ୍ଦା ରେଳପଥର ଭୁବନ ଷ୍ଟେସନନିର୍ମାଣକାର୍ଯ୍ୟରେ ନିୟୋଜିତ ରହିଛି ଶ୍ରୀ ଦୁର୍ଗା କନଡେଭ(ପ୍ର।)ଲିଃ । ନକଲି ଟ୍ରାନଜିଟି ପାଶରେ ଦଲାର ଘାଟରୁ ୨ଟି ହାଇୱାରେ ହେଉଥିଲା ବାଲି ଚାଲଣ । ଛକି ବସିଥିବା ରାଜସ୍ୱ ବିଭାଗ କର୍ମଚାରୀ ଧରିଥିଲେ ଦୁଇଟି ଗାଡିକୁ । ଯାହାର ନଂ ଓଡି୦୫ ଏସି ୯୫୭୭ ଓ ଓଆର ୦୫ଏଡି୩୧୪୪ । ଦୁଇଟି ଗାଡିର ଟ୍ରାନଜିଟିପାଶ ଯୋଗାଡ କରିବା ପାଇଁ ୩ ଘଂଟାର କସରତ । ଶେଷରେ ମୁଣ୍ଡ ନୋଇଲା ଶ୍ରୀ ଦୁର୍ଗା କନଡେଭ । ତହସିଲଦାର କଷିଦେଲେ ୫୦ ହଜାର ଟଙ୍କାର ଜୋରିମନା । ତେବେ କଂପାନୀ ତରଫରୁ ନିର୍ମାଣ କରାଯାଉଥିବା ଷ୍ଟେସନ ସ୍ଥାନରେ ଗଦା ହୋଇଛି ବାଲିର ପାହାଡ । ଯାହାର ତଦନ୍ତ ଆବଶ୍ୟକତା ରହିଛି । ନକଲି ଟିପିରେ ଏହି ବାଲି ଗଦା ହୋଇଛି ନା ଅସଲି ଟିପିରେ । ଯାହାଦ୍ୱାରା ବ୍ୟାପକ ରାଜ୍ୱ କ୍ଷତି ହୋଇଛି । ଦେଖିବାକୁ ବାକି ରହିଲା କେବେ ଭରଣା ହେବ ସରକାରୀ ଖଜାନା ।

ଥାନା ପରିସରରେ ବିଷ ପିଇ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

କଟକ,୨୪।୬ (ନି.ପ୍ର): କଟକ ନିଆଳି ଥାନା ଅଂଚଳରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଥାନା ପରିସରରେ ବିଷ ପିଇ ଗୁରୁତର ହୋଇପଡିଥିବା ଜଣେ ବ୍ୟକ୍ତିକୁ ଉଦ୍ଧାର କରାଯାଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି । ମୃତକ ୪୫ ବର୍ଷିୟ ଅଶୋକ ଦାସ । ଘର ନିଆଳି ବଜାରରେ ବୋଲି ଜଣାପଡିଛି । କିଛି ଦିନ ତଳେ ଚୋରା ମଦ କାରବାର ଅଭିଯୋଗରେ ଅଶୋକଙ୍କୁ ଗିରଫ କରିଥିଲା ନିଆଳି ଥାନା ପୋଲିସ । ୧୨ ଦିନ ଜେଲ୍‌ରେ ରହି ଗତ ବୁଧବାର ଦିନ ସେ ଜାମିନ୍ ରେ ମୁକୁଳି ଥିଲେ । ଗିରଫଦାରୀକୁ ବିରୋଧ କରି ଗତ ରବିବାର ଦିନ ସେ ଥାନା ପରିସରରେ ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ।

ଜାତୀୟ ରାଜପଥ ଉପରେ ଜଳିଗଲା ଟ୍ରକ୍

ଧର୍ମଶାଳା,୨୪।୬ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁରଠାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ହୁଡୁହୁଡୁ ହୋଇ ଜଳି ଯାଇଛି । ଏହି ଟ୍ରକଟି କେନ୍ଦୁଝରରୁ ଲୁହାପଥର ପରିବହନ କରି ପାରାଦ୍ୱୀପ ଆସୁଥିବା ସମୟରେ ବାଲିଚନ୍ଦ୍ରପୁରଠାରେ ଗାଡିର ସମ୍ମୁଖ ଭାଗ ଜଳୁଥିବା ଦେଖି ଡ୍ରାଇଭର ଗାଡିଟିକୁ ରାସ୍ତା ଉପରେ ଛିଡା କରିଦେଇଥିଲେ । ହେଲେ ଡ୍ରାଇଭର ଓ ଖଲାସିର କୌଣସି କ୍ଷତି ହୋଇ ନଥିବା ଜଣାପଡିଛି । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପଂହଚି ନିଆଁ ଲିଭାଇଥିଲେ । ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

ଶ୍ରୀ ମନ୍ଦିରର ଜଣେ ସେବାୟତ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୨୪।୬ (ନି.ପ୍ର): ଶ୍ରୀ ମନ୍ଦିରର ଜଣେ ସେବାୟତ କରୋନା ପଜିଟିଭ୍ ଚିହ୍ନଟ ହୋଇଛି । ଗତକାଲି ୧୧୪୩ ସେବାୟତଙ୍କ କରୋନା ଟେଷ୍ଟ କରାଯାଇଥିଲା । ଜଣଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତଙ୍କର ଅର୍ଥାତ୍ ୧୧୪୨ ଜଣଙ୍କ ରିପୋର୍ଟ ନେଗେଟିଭ୍ ରହିଛି । ତେବେ ରଥଯାତ୍ରା ପୂର୍ବରୁ ସମ୍ପୃକ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆକ୍ରାନ୍ତଙ୍କ କଂଟାକ୍ଟ ଟ୍ରେସିଂ ଜାରୀ ରହିଛି । ସମ୍ପୃକ୍ତ ଅଂଚଳକୁ କଂଟେନମେଂଟ ଜୋନ୍ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ, ଚିକିତ୍ସା ଅପେକ୍ଷାରେ ଶହ ଶହ ରୋଗୀ

କେନ୍ଦ୍ରାପଡ଼ା,୨୪।୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ଜନିତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମଙ୍ଗଳବାର ଦିନ ସକାଳ ୮ଟା ପରେ ଜଣେ ଡାକ୍ତରଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଶହ ଶହ ରୋଗୀ ସାମାଜିକ ଦୂରତା ଭୁଲି ଘେରି ରହିଥିବାର ଲକ୍ଷ୍ୟ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୬ ମାସ ପୂର୍ବେ ଭେଷଜ ବିଭାଗର ଡାକ୍ତର ବୈକୁଣ୍ଠନାଥ ପଣ୍ଡାଙ୍କ ରାଉଲକେଲା ବଦଳି ପରେ ଅନ୍ୟତମ ଭେଷଜ ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ର ଅଧିକାରୀ ଭାବେ ବଦଳି କରାଯାଇ ଥିଲା । ଏହାପରେ ଯେଉଁ ଡାକ୍ତରମାନଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆ ଯାଇଥିଲା, ସେମାନେ ନିୟମିତ ଚିକିତ୍ସାଳୟକୁ ଆସି ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝୁନଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । ଫଳରେ ଜଣେ ଡାକ୍ତରଙ୍କ ପାଖରେ ଶହ ଶହ ରୋଗୀ ଗହଳି କରିବା ପରି ସମସ୍ୟା ସୃଷ୍ଟି ହୋଇଛି ।

କେନ୍ଦ୍ରାପଡାର ବିଭିନ୍ନ ସଂଗରୋଧ କେନ୍ଦ୍ରକୁ ବୁଲି ଦେଖିଲେ ଗଣେଶ୍ୱର ବେହେରା

କେନ୍ଦ୍ରାପଡ଼ା,୨୪।୬ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧୋୟା ଅଂଚଳର ୭ଗୋଟି ପଂଚାୟତରେ ଥିବା ୧୪ଟି ସଂଗରୋଧ କେନ୍ଦ୍ରକୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବୁଲି ଦେଖିବା ସହିତ ପ୍ରବାସୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଅଳପୁଆ ଅମୃତମଣୋହି, ତରଡିପାଳ, ପେଣ୍ଡୁପାଳ, ସିଂହଗାଁ, ଅଣ୍ଡରା, ବଲୁରିଆ ଇତ୍ୟାଦି ଗ୍ରାମ ପଂଚାୟତରେ ଥିବା ଏହି ସଂଗରୋଧ କେନ୍ଦ୍ର ଗୁଡିକୁ ଗ୍ରସ୍ତ କରିବା ସମୟରେ ଶ୍ରୀକାନ୍ତ ସାମଲ, କୈଳାସ ସେଠୀ, ଚୂଳମଣୀ ମଲ୍ଲିକ, ସରପଂଚ ଚିତ ରଞ୍ଜନ ସାହାଣୀ, କାଙ୍ଗାଳୀ ସେଠୀ, ନଳିତନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଗସ୍ତ ସମୟରେ ବିଭିନ୍ନ ସଂଗରୋଧ କେନ୍ଦ୍ରର ଅନ୍ତେବାସୀ ମାନେ ନିଜ ନିଜର ନମୁନା ପରୀକ୍ଷା କରିବା ପାଇଁ ଦାବି କରିଥିଲେ । ଏଥି ସହିତ ସଂଗରୋଧ କେନ୍ଦ୍ର ଗୁଡିକର ବିଭିନ୍ନ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଶ୍ରୀ ବେହେରାଙ୍କ ନିକଟରେ ସଂଗରୋଧ କେନ୍ଦ୍ରର ଅନ୍ତେବାସୀ ମାନେ ଅଭିଯୋଗ କରିଥିଲେ ।

ମୟୂରଭଞ୍ଜ ଜିଲ୍ଲାରେ ୧୪ ନୂଆ ପଜିଟିଭ ଚିହ୍ନଟ, ଆକ୍ରାନ୍ତ ସଂଖ୍ୟା ୧୫୯କୁ ବୃଦ୍ଧି

ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୨୫ , ସକ୍ରିୟ ସଂଖ୍ୟା ୩୩ ଓ ମୃତ୍ୟୁ ସଂଖ୍ୟା ୦୧

ବାରିପଦା,୨୪।୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଆଜି ୧୪ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ କରୋନା ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫୯ରେ ପହଂଚିଛି । ଆଜି ଚିହ୍ନଟ ହୋଇଥିବା ୧୪ ଜଣଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଆସିଥିବା ବେଳେ ୧୦ ଜଣ ସ୍ଥାନୀୟ କଂଟ୍ରାକ୍ଟରୁ ଆସିଛନ୍ତି । ଏମାନଙ୍କର ଟ୍ରାଭେଲ ହିଷ୍ଟ୍ରି ସହିତ କଂଟ୍ରାକ୍ଟ ଟ୍ରେସିଂ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗୋପବନ୍ଧୁନଗର, ବଡ଼ସାହି, ଖୁଂଟା ଓ ଠାକୁରମୁଣ୍ଡା ଆଦି ପ୍ରତ୍ୟେକ ବ୍ଲକଗୁଡ଼ିକରୁ ୨ ଜଣ ଲେଖାଏଁ ୮ ଜଣଙ୍କର ରିପୋର୍ଟ ପଜିଟିଭ ରହିଥିବା ସମୟରେ ବିଜାଡୋଳା, ଉଦଳା, କପ୍ତିପଦା, ବାରିପଦା, କୁଳିଅଣା ଓ ବାଙ୍ଗିରିପୋଷି ଆଦି ପ୍ରତ୍ୟେକ ବ୍ଲକଗୁଡ଼ିକରୁ ଜଣେ ଲେଖାଏଁ ୬ ଜଣଙ୍କ ରିପୋର୍ଟ ପଜିଟିଭ ରହିଛି । ଏହା ମଧ୍ୟରୁ ଆନ୍ଧ୍ରପ୍ରଦେଶ-୧, କର୍ଣ୍ଣାଟକ-୧, ମହାରାଷ୍ଟ୍ର-୧ ଓ ଝାଡ଼ଖଣ୍ଡ ଫେରନ୍ତା ୧ ରହିଛନ୍ତି । ସେହିପରି ଲୋକାଲ କଂଟାକ୍ଟରୁ ଆସିଥିବା ୧୦ ଜଣଙ୍କ ମଧ୍ୟରେ ଜଣେ ଉଦଳା ବ୍ଲକ ଅଂଚଳରୁ ରହିଥିବା ବେଳେ ଠାକୁରମୁଣ୍ଡା, ଗୋପବନ୍ଧୁନଗର, ବଡ଼ସାହି, ଖୁଂଟା ଆଦି ପ୍ରତ୍ୟେକ ବ୍ଲକ ଅଂଚଳରୁ ୨ ଜଣ ଲେଖାଏଁ ମୋଟ ୮ ଜଣ ଏବଂ ବାରିପଦା ବ୍ଲକ ଅଂଚଳରୁ ଜଣେ କର୍ତ୍ତବ୍ୟରତ କୋଭିଡ଼ ଯୋଦ୍ଧା ରହିଛନ୍ତି । ଏହି ସମସ୍ତ ଆକ୍ରାନ୍ତମାନଙ୍କୁ ଚିକିତ୍ସା ନିମନ୍ତେ କୋଭିଡ଼ ହସପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ଆଜି ଜିଲ୍ଲାରେ ୧୩ ଜଣ ସୁସ୍ଥ ହୋଇ ଫରିଛନ୍ତି । ଏମାନଙ୍କୁ ମିଶାଇ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୨୫ ହୋଇଥିବା ବେଳେ ସକ୍ରିୟ ସଂଖ୍ୟା ୩୩ରେ ପହଂଚିଛି ଏବଂ ଜୁନ ୨୨ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜାରି କରିଥିବା ସୂଚନା ଅନୁସାରେ ଚିକିତ୍ସାଧୀନ ରହିଥିବା ଜଣେ ୬୦ ବର୍ଷ ବୟସର କରୋନା ପଜିଟିଭ କର୍କଟ ରୋଗରେ ପୀଡ଼ିତ ଥିଲେ ଓ ଅସ୍ତ୍ରୋପଚାର ପରେ ଜଟିଳତା କାରଣରୁ ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

ଗୋଟିଏ ଦିନରେ ୩ ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ

ନୂଆପଡ଼ା,୨୪।୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଉପନିବନ୍ଧକ କାର୍ଯ୍ୟାଳୟ ଠାରେ ପୁଣି ଗୋଟିଏ ଦିନରେ ଜମି ମାଲିକାନା ହସ୍ତାନ୍ତର ବିକ୍ରୀନାମା ଦଳିଲର ପଞ୍ଜିକରଣ ଏବଂ ପଟ୍ଟା ପ୍ରଦାନ କରାଯାଇଛି । ଖଡିଆଳର ରଞ୍ଜିତ ରାଉତ, ଚିତ୍ରିକା ସଗରିଆ ଏବଂ ଇନାମ ବାରିକ ନାମକ ୩ ଜଣ ବ୍ୟକ୍ତିଙ୍କୁ ଗୋଟିଏ ଦିନରେ ଜମି ବିକ୍ରୀନାମା ଦଳିଲ ପଟ୍ଟା ପ୍ରଦାନ କରିଛନ୍ତି । ତହସିଲଦାର ସିନ୍ଧୁସୂତା ପାତ୍ର ଏବଂ ଅତିରିକ୍ତ ତହସିଲଦାର ତପନ କୁମାର ନାୟକ ଉପସ୍ଥିତ ରହି ଏହି ପଟ୍ଟା ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଗତ ଦିନ ମାନଙ୍କରେ ଜମି ବିକ୍ରୀନାମା ଦଳିଲ ପଟ୍ଟା ସକାଶେ ହିତାଧିକାରୀଙ୍କୁ ମାସ ମାସ ଜଗିବାକୁ ପଡୁଥିଲା । ହେଲେ ଏହି ଜମି ବିକ୍ରୀନାମା ଦଳିଲ ପଟ୍ଟା ଇତିମଧ୍ୟରେ ୫ ଜଣଙ୍କୁ ଗୋଟିଏ ଦିନରେ ପ୍ରଦାନ କରଯାଇ ସାରିଲାଣି ।

ବାଲିଚୋର ରୋକିବାକୁ ବନ୍ୟା ସୁରକ୍ଷା ସମିତିର ସ୍ମାରକପତ୍ର : ମାଫିଆ-ପୁଲିସ୍ ଡିଲର ଅଡିଓ ଭାଇରାଲ

ଭଦ୍ରକ, ୨୪/୬ (ହି.ସ.) - ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ଫଂଚାୟତ ବିପଦ ସଂକୁଳ ବୈତରଣୀ ଏସକେପ ଉପର ଦେଇ କ୍ରମାଗତ ବିପୁଳ ପରିମାଣର ଚୋରା ବାଲି ଉଠାଣ ଓ ପରିବହନ ରୋକାନଗଲେ ଆ ଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଜଳସଂପଦ ବିଭାଗ ବାଲିପୋଖରୀ ଏସକେପର ପୁନଃ ନିର୍ମାଣ କରିବାକୁ ଟାଳଟୁଳ ନୀତି ଚଳାଇଥିବାବେଳେ ବାଲିଚୋରମାନେ ଦିନରାତି ଏହି ଏସକେପ ଉପର ଦେଇ ଟ୍ରାକ୍ଟର ଓ ଅନ୍ୟ ଭାରି ଯାନରେ ଚୋରା ବାଲି ପରିବହନ କରିବା ଦ୍ୱାରା ଏସକେପ ବିପର୍ଯ୍ୟସ୍ତ ହୋଇପଡିଛି । ସମ୍ଭାବ୍ୟ ବନ୍ୟାରେ ବହୁ ଫଂଚାୟତର ହଜାର ହଜାର ଲୋକଙ୍କ ଧନଜୀବନ ବିପର୍ଯ୍ୟସ୍ତ ହୋଇପଡିବ ବୋଲି ଆ ଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଲୋଡିଛନ୍ତି । ବାଲିଚୋରମାନେ ତହସିଲଦାର, ପୁଲିସ୍ କର୍ମଚାରୀ ଓ ଜଳସଂପଦ ବିଭାଗ କର୍ମଚାରୀଙ୍କ ପୃଷ୍ଠପୋଷକତା ଲାଭକରି ଏଭଳି କାର୍

କୃଷି ଓ ସମବାୟ ବିଭାଗର ସମନ୍ୱୟ ବୈଠକରେ ଉନ୍ନତ ମାନର ବିହନ, ସାର ଯୋଗାଣ ଉପରେ ଗୁରୁତ୍ୱ

ନୂତନ ଚାଷୀ ଓ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ଦିଆଯାଇଛି : ସମବାୟ ମନ୍ତ୍ରୀ

ଫସଲର ବିବିଧିକରଣ ଉପରେ ଗୁରୁତ୍ୱ ଦିଆଯାଇଛି: କୃଷି ମନ୍ତ୍ରୀ

ଭୁବନେଶ୍ୱର ,୨୪ ଜୁନ୍ - ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା କୃଷି କାଯର୍ୟ ଉପରେ ନିର୍ଭର କରୁଥିବାରୁ କୋଭିଡ୍-୧୯ ସ୍ଥିତିରେ ରାଜ୍ୟରେ ଖରିଫ୍ ଚାଷ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଯୁକ୍ତ ସମନ୍ୱୟରେ ଠିକଣା ସମୟରେ ଚାଷୀମାନଙ୍କୁ ଆବଶ୍ୟକ ବିହନ, ସାର ଓ ଅନ୍ୟ କୃଷି ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଫସଲ ଋଣ ଯୋଗାଣ କ୍ଷେତ୍ରରେ ନୂତନ ଚାଷୀ ଏବଂ ଯୁଗ୍ମଦେୟ ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଭିତିରେ ଋଣ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ଚଳିତ ଖରିଫ୍ ଫସଲରେ ବିବିଧିକାରଣ କରାଯାଇ ଅଧିକ ଅଣଧାନ ଫସଲ ଯଥାଡାଲି, ତୈଳବୀଜ, ପନିପରିବା ଆଦି ଅର୍ଥକରୀ ଫସଲ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଉଲ୍ଲେଖ କରିଛନ୍ତି । ବୁଧବାର କୃଷି ଭବନରେ ଆୟୋଜିତ କୃଷି ଓ ସମବାୟ ବିଭାଗର ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ ଉଭୟ ବିଭାଗର ସମନ୍ୱୟ ଉପରେ ଉଭୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏବଂ ଡ. ସାହୁ ଗୁରୁତ୍ୱାରୋପ କରିଛନ୍ତି । ଏ ଦିଗରେ ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ପ୍ରତି ମାସର ପ୍ରଥମ ଶନିବାର ଓ ତୃତୀୟ ଶନିବାର ଦିନ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ହେଉଥିବା ବ୍ଲକ୍‌ସ୍ତରୀୟ ଟେକ୍ନିକାଲ ଟିମ୍‌ର ବୈଠକ ଅଧିକ ଉପଯୋଗୀ ହୋଇପାରିବ । ସମବାୟ, କୃଷି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମିଳିତ ଭାବେ କାର୍ଯ୍ୟକରି ତୃଣମୂଳ ସ୍ତରରେ ଚାଷୀମାନଙ୍କର ସମସ୍ୟାର ସମାଧାନ କରିବେ ବୋଲି ଆଜି ଏହି ସମନ୍ୱୟ ବୈଠକରେ ନିଷ୍ପତି ନିଆଯାଇଛି । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ସୌରଭ ଗର୍ଗ, ସ୍ୱତନ୍ତ୍ର ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଟ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ପ୍ରମୁଖ ଉପସ୍ଥିତ ରହି ଖରିଫ ଚାଷ ନିମନ୍ତେ ଚାଷୀମାନଙ୍କୁ ଉନ୍ନତମାନର ବିହନ, ସାର, ଖରିଫ ଫସଲ ଋଣ ଯୋଗାଣ, ଫସଲ ବୀମା ଏବଂ କୃଷିଜାତ ଦ୍ରବ୍ୟର ବିକ୍ରିବଟା, ରବି ଫସଲ ସଂଗ୍ରହ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଫସଲ ଋଣ ଯୋଗାଣ କ୍ଷେତ୍ରରେ ନୂତନ ଚାଷୀମାନଙ୍କୁ ଅଗ୍ରାଧିକାର ଦେବା ସହିତ ମୋଟ ଫସଲ ଋଣର ଅନ୍ତତଃପକ୍ଷେ ୧୦ ପ୍ରତିଶତ ଋଣ ଯୋଗାଇ ଦେବା ପାଇଁ ସମବାୟ ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି ବୋଲି ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥିସହିତ ବାଣିଜ୍ୟିକ ବ୍ୟାଙ୍କମାନେ କୃଷି କ୍ଷେତ୍ରରେ ଅଧିକ ଋଣ ଯୋଗାଇ ଦେବାର ଆବଶ୍ୟକତା ଦୃଷ୍ଟିରୁ ଏ ଦିଗରେ ବ୍ୟାଙ୍କ କର୍ତୃପକ୍ଷଙ୍କ ସହିତ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । କୋଭିଡ-୧୯ ସ୍ଥିତିରେ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପ୍ରବାସୀମାନେ ଓଡ଼ିଶାକୁ ଫେରିଥିବା ପରିପ୍ରେକ୍ଷୀରେ ସେମାନ ଙ୍କୁ ଯୁଗ୍ମ ଦେୟ ଗୋଷ୍ଠୀ ଗଠନ ଜରିଆରେ କୃଷି କ୍ଷେତ୍ରରେ ନିୟୋଜିତ କରି କୃଷିଋଣ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏ ଦିଗରେ କୃଷକ ସୂଚନା ଏବଂ ପରାମର୍ଶଦାତା ବୈଠକ (ଏଫ୍‌ଆଇଏସି) ଏବଂ କୃଷକ ସାଥୀ ଓ ସମବାୟ ସଂପ୍ରସାରଣ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଚଳିତ ଖରିଫରେ ଚାଷୀମାନଙ୍କୁ ୯୦୦୦ କୋଟି ଟଙ୍କାର ଫସଲ ଋଣ ସମବାୟ ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ବୈଠକରେ ଚଳିତ ରବିଧାନ ସଂଗ୍ରହ ସହିତ ମକା, ଡାଲି ଓ ତୈଳବୀଜ, ରାଶି, କପା ଆଦି ସଂଗ୍ରହ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଚାଷୀମାନେ ଯେପରି ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇ ପାରିବେ ସେ ଦିଗରେ ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ଭିତ୍ତିଭୂମିର ଉପଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫସଲବୀମା ଯୋଜନାରେ ଚଳିତ ବର୍ଷ ଅଧିକରୁ ଅଧିକ ଫସଲ ଋଣ କରି ନଥିବା ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ପ୍ରାୟ ୩୦ ଲକ୍ଷ ଚାଷୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ସମବାୟ ସମିତି ସମୁହର ନିବନ୍ଧକ, ମାର୍କଫେଡ୍‌ର ଓଡ଼ିଶା ରାଜ୍ୟ ବିହନ ନିଗମ ଏବଂ ଓଡ଼ିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦ୍ରୀୟ ତାଲିକାରେ ଅନ୍ୟାନ୍ୟ ପଛୁଆ ବର୍ଗ ମଧ୍ୟରେ ଉପବର୍ଗୀକରଣ ପ୍ରସଙ୍ଗର ଅନୁଧ୍ୟାନ ଲାଗି ସମ୍ବିଧାନର ଧାରା ୩୪୦ ଅଧୀନରେ ଗଠିତ ଆୟୋଗଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, ୨୪ ଜୁନ (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ଉପବର୍ଗୀକରଣ ପ୍ରସଙ୍ଗର ଅନୁଧ୍ୟାନ ଲାଗି ଗଠିତ ଆୟୋଗଙ୍କ କାର୍ଯ୍ୟକାଳ ୬ ମାସ ପର୍ଯ୍ୟନ୍ତ ୩୧.୧.୨୦୨୧ ପର୍ଯ୍ୟନ୍ତ ବଢ଼ାଇବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି ।

ନିଯୁକ୍ତି ସୃଷ୍ଟି ସମ୍ଭାବନା ସମେତ ପ୍ରଭାବ :ଅନ୍ୟାନ୍ୟ ପଛୁଆ ବର୍ଗର ବର୍ତମାନ ସୂଚୀରେ ସାମିଲ ଯେଉଁ ସମୁଦାୟର ଲୋକମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦପଦବୀରେ ନିଯୁକ୍ତି ଏବଂ କେନ୍ଦ୍ର ସରକାରଙ୍କ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଲାଗି ଓବିସିଙ୍କ ପାଇଁ ରହିଥିବା ସଂରକ୍ଷଣର ବିଶେଷ ଲାଭ ମିଳିପାରୁନାହିଁ, ସେମାନେ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେବା ଦ୍ୱାରା ଲାଭ ପାଇପାରିବେ ବୋଲି ଅନୁମାନ କରାଯାଉଛି । କେନ୍ଦ୍ରୀୟ ଓବିସି ତାଲିକାରେ ବର୍ତମାନ ସୁଦ୍ଧା ବଂଚିତ ହୋଇରହିଥିବା ସମୁଦାୟ ଆୟୋଗଙ୍କ ସୁପାରିସ ଦ୍ୱାରା ଲାଭାନ୍ୱିତ ହେବେ ବୋଲି ଅନୁମାନ କରାଯାଉଛି ।

ବ୍ୟୟ : ଏହି ବ୍ୟୟରେ ଆୟୋଗଙ୍କ ପ୍ରତିଷ୍ଠା ଏବଂ ପ୍ରଶାସନିକ ମୂଲ୍ୟ ସାମିଲ ରହିଛି, ଯାହାକୁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ବହନ କରିବ ।

ଲାଭ :କେନ୍ଦ୍ରୀୟ ଏସଇବିସି ତାଲିକାରେ ସାମିଲ ଜାତି/ ସମୁଦାୟର ଯେଉଁସବୁ ଲୋକମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦପଦବୀରେ ଚାକିରି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓବିସିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ଯୋଜନାର ବିଶେଷ ଲାଭ ପାଇପାରୁନାହାନ୍ତି ସେମାନେ ଆୟୋଗଙ୍କ ଦ୍ୱାରା ଲାଭବାନ ହୋଇପାରିବେ ବୋଲି ଆଶା କରାଯାଉଛି ।

କାର୍ଯ୍ୟାନ୍ୱୟନ ସୂଚୀ : ଆୟୋଗଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ଲାଗି ଆଦେଶ ଓ ବିଚାରଯୋଗ୍ୟ ବିଷୟକୁ ମାନନୀୟ ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ରାଷ୍ଟ୍ରପତିଙ୍କ ଏକ ଆଦେଶ ରୂପରେ ଗେଜେଟ ବିଜ୍ଞପ୍ତି ଜରିଆରେ ଅଧିସୂଚିତ କରାଯିବ ।

ସୂଚନାଯୋଗ୍ୟ ଯେ ୨ ଅକ୍ଟୋବର ୨୦୧୭ରେ ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ସମ୍ବିଧାନର ଅନୁଚ୍ଛେଦ ୩୪୦ ଅନ୍ତର୍ଗତ ଏହି ଆୟୋଗର ଗଠନ କରାଯାଇଥିଲା । ଅବସରପ୍ରାପ୍ତ ବିଚାରପତି ଶ୍ରୀମତୀ ଜୀ. ରୋହିଣୀଙ୍କ ଅଧ୍ୟକ୍ଷତାରେ ଆୟୋଗ ୧୧ ଅକ୍ଟୋବର, ୨୦୧୭ରେ କାର୍ଯ୍ୟ ଆରମ୍ଭ କରିଥିଲା । ପୂର୍ବରୁ ୩୧ ଜୁଲାଇ, ୨୦୨୦ ପର୍ଯ୍ୟନ୍ତ ଆୟୋଗଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲେ ମଧ୍ୟ କୋଭିଡ-୧୯ ମହାମାରୀ କାରଣରୁ ଜାରି ଲକଡାଉନ ଫଳରେ ଯାତାୟାତ ଉପରେ କଟକଣା ଲାଗୁ ହୋଇଥିଲା । ଫଳରେ ଆୟୋଗ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ଅସମର୍ଥ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ୩୧.୧.୨୦୨୧ ପର୍ଯ୍ୟନ୍ତ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି ।

ଗୁଗୁଲ ଗ୍ରୁପ୍ ପକ୍ଷରୁ ଅସହାୟଙ୍କୁ ସହାୟତା ପ୍ରଦାନ

ପାରାଦ୍ୱୀପ ,୨୪।୬ (ନି.ପ୍ର): ପାରାଦ୍ୱୀପର ଅଗ୍ରଣୀ ଅନୁଷ୍ଠାନ ଗୁଗୁଲ୍ ଗ୍ରୁପ୍ ପକ୍ଷରୁ ଶ୍ରୀଗୁଣ୍ଡିଚା ଅବସରରେ ପାରାଦ୍ୱୀପ ଗଡ ଲୋକନାଥ ଜରାଶ୍ରମର ଅନ୍ତେବାସୀ ମାନଙ୍କୁ ଶୁଖିଲା ଖାଦ୍ୟ, ମାସ୍କ, ସାନିଜାଇଜର ବଣ୍ଟନ କରାଯାଇଥିଲା । ଗୁଗୁଲ ଗ୍ରୁପ୍ ପକ୍ଷରୁ ସୁଧିର ବରିସାଲ, ସୁକାନ୍ତ ବରିସାଲ, ମଳୟ ପରିଡା, ଜଗନ୍ନାଥ ଶତପଥି, ରାମଚନ୍ଦ୍ର ପରିଡା, ବାବୁଲି ଓଝା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଆଦାନୀ ଫାଉଣ୍ଡେସନ ପକ୍ଷରୁ କୃଷକଙ୍କୁ ଖରିଫ୍ ଧାନ ସମ୍ପର୍କିତ ପ୍ରଶିକ୍ଷଣ

ଭଦ୍ରକ,୨୪।୬ (ନି.ପ୍ର): ଆଦାନୀ ଫାଉଣ୍ଡେସନ ପକ୍ଷରୁ କୃଷକମାନଙ୍କୁ ବିହନ ବୁଣିବା ପୂର୍ବରୁ ଖରିଫ୍ ଧାନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି । ଭଦ୍ରକ ଜିଲ୍ଲା କୃଷି ବିଭାଗ ସହେଯାଗିତାରେ ଦୋସିଙ୍ଗା ଗ୍ରାମପଂଚାୟତର ରବୀନ୍ଦ୍ର ନଗର ଗ୍ରାମରେ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା । କୋଭିଡ୍-୧୯ ଗାଇଡଲାଇନ ପାଳନ କରି କୃଷି କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ୪୧ଜଣ କୃଷକଙ୍କୁ ଏଥିରେ ତାଲିମ ପ୍ରଦାନ କରାଯାଇଛି । ଗ୍ରାମ୍ୟ କୃଷି କର୍ମୀ ରତିକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ଦୋସିଙ୍ଗା ଗ୍ରାମ ପଂଚାୟତ ପିଆରଆଇ ସଦସ୍ୟ ଆଲୋକ ଜାନା ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିଲେ । ରାଜ୍ୟ କୃଷି ବିଭାଗ ଓ ଏଏଫ୍ ସମର୍ଥିତ ଧାନର ଧାଡି ପ୍ରତିରୋପଣ ଓ ସମନ୍ୱିତ ଫସଲ ପରିଚାଳନା କ୍ଷେତ୍ର ପ୍ରଦର୍ଶନୀର କାର୍ଯ୍ୟକାରିତା ପାଇଁ ଏହି ପ୍ରଶିକ୍ଷଣ ଶିବିରରେ ବିହନର ପ୍ରକାର, ଚାଷଯୋଗ୍ୟ ଭୂମି ଆଧାରରେ ଧାନ କିସମ, ବିହନ ଚୟନ ଓ ଅଙ୍କୁର ପରୀକ୍ଷା ପ୍ରଣାଳୀ, ଜୈବିକ ପଦ୍ଧତିରେ ବିହନ ଉପଚାର, ଉନ୍ନତ କିସମର ଧାନ ତଳି ପ୍ରସ୍ତୁତି ଓ ପ୍ରକ୍ରିୟା, ଜମି ପ୍ରସ୍ତୁତି, ସାରର ସନ୍ତୁଳିତ ପ୍ରୟୋଗ ଉପରେ କୃଷକଙ୍କୁ ତାଲିମ ଦିଆଯାଇଥିଲା ।

କୋଭିଡ୍-୧୯ ଯୋଗୁ ଚଳିତ ଖରି୍ ଋତୁରେ କୃଷକମାନଙ୍କ ମଧ୍ୟରେ ଉପଲବ୍ଧ ବିହନ ବ୍ୟବହୃତ ହୋଇଯାଇଥିଲା । ଏହି ପରିସ୍ଥିତିକୁ ଦେଖି ଆଦାନୀ ଫାଉଣ୍ଡେସନ ପକ୍ଷରୁ ସାନସର ଆଗ୍ରୋପୋଲ ପ୍ରାଇଭେଟ୍ ଲିମିଟେଡ୍ ଓ ଦୋସିଙ୍ଗା ୟୁଥ୍ ଷ୍ଟାର କ୍ଲବ ସହେଯାଗରେ ସ୍ଥାନୀୟ ପ୍ରଗତିଶୀଳ କୃଷକମାନଙ୍କ ପାଇଁ ୫ ମେଟ୍ରିକ ଟନ୍ ବିହନର ବ୍ୟବସ୍ଥା କରିଛି । ଏହି ପଦକ୍ଷେପ ଦ୍ୱାରା ବନ୍ଦର ଆଖପାଖର ୨୦୦ରୁ ଅଧିକ କୃଷକ ଉପକୃତ ହେବେ ।

ରେଳ ଧାରଣାରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

ଜଳେଶ୍ୱର,୨୪।୬(ନିପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ନୂଆବଜାର ରେଳ ଲେଭେଲ କ୍ରସିଂ ନିକଟସ୍ଥ ରେଳ ଧାରଣା କଡରୁ ଏକ ଅଚିହ୍ନି ମହିଳାଙ୍କୁ ପଡିଥିବାର ଦେଖିବାକୁ ମିଳିଥିଲା । ତାର ୨ହାତ ଓ ଗୋଡ ଭାଂଗି ଯାଇଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିଲା । ଲେଭେଲକ୍ରସିଂ ନିକଟରେ କାର୍ଯ୍ୟରତ କର୍ମଚାରୀମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଭଞ୍ଜର ହସ୍‌ପିଟାଲକୁ ନେବାପରେ ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାର କୌଣସି ପରିଚୟ ମିଳିନଥିବାର ଜଣାଯାଇଛି ।

ସ୍ୱାତୀର ପ୍ରତିଷ୍ଠା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୧ ୟୁନିଟ୍ ରକ୍ତ ସଂଗୃହିତ

କନ୍ଧମାଳ,୨୪।୬ (ନି.ପ୍ର):କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ୨୨ତମ ପ୍ରତିଷ୍ଠା ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ବନ୍ଧଗଡରେ ଥିବା ଅନୁଷ୍ଠାନର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦାନ କରି ଶିବିରର ଉଦଘାଟନ କରିବା ସଂଗେ ସଂଗେ ନିଜେ ମଧ୍ୟ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାର ଡାକ୍ତର ଜୟଦୀପ ଘୋଷଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରକ୍ତଦାନ କରିଥିବା ରକ୍ତାଦାତାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ନୂତନ ରକ୍ତଦାତା । ଅନ୍ୟମାନଙ୍କ ମଧ୍ୟରେ ରକ୍ତଭଣ୍ଡାରର ଟେକନିସିଆନ୍ ତୁଷାରକାନ୍ତ ପ୍ରଧାନ, ଦିନକୃଷ୍ଣ ମହାନ୍ତ, ସୁଜିତ କୁମାର ସାହୁ, ବରୁଣ ବେହେରା, କନ୍ଧମାଳ ବିଶିଷ୍ଟ ରକ୍ତଦାତା ଓ ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ବେହେରା ଓ ଭି.ଲୋକନାଥ ରାଜୁ ପ୍ରମୁଖ ରକ୍ତଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସ୍ୱାତୀର ସଂପାଦକ ଇଂ. ହରିଶଙ୍କର ରାଉତ ଓ ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ଅନେକ କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଛନ୍ତି । କର୍ମଚାରୀ ଅଶୋକ କୁମାର ତ୍ରିପାଠୀ, ସର୍ବେଶ୍ୱର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଆଜିର ଏହି ଶିବିରରେ ମୋଟ ୩୧ ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ସ୍ୱାତୀ ଅନୁଷ୍ଠାନ ୧୯୯୯ ମସିହାରୁ ପ୍ରତିଷ୍ଠିତ ହୋଇ କନ୍ଧମାଳରେ ବହୁ ଉନ୍ନତି ମୂଳକ କାର୍ଯ୍ୟକ୍ରମମାନ ପରିଚାଳନା କରିଛି । ଟିକାବାଲି ବ୍ଲକ ଅନ୍ତର୍ଗତ ମାଲେରିମାହା ଗ୍ରାମରୁ କିଛି ସମ୍ପନ୍ନଭାବାପନ୍ନ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଆଜି କନ୍ଧମାଳ, ବଉଦ ଓ ଗଞ୍ଜାମ ଜିଲ୍ଲା ସମେତ ଭୁବନେଶ୍ୱର ମହାନଗର ନିଗମରେ ମଧ୍ୟ ଏହାର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଜାରୀ ରଖିବା ସହ ବହୁ ହିତାଧିକାରୀଙ୍କ ଉନ୍ନତି କରିପାରିଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାତୀର ସଫଳତାକୁ ଭୂୟସୀ ପ୍ରଶଂସା କରିବା ସହ ଏହାର କର୍ମୀମାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ସ୍ୱାତୀର ଏହି ସଫଳତା ପଛରେ ଏହାର କର୍ମକର୍ତା, ଅନୁଦାନକାରୀ ସଂସ୍ଥା, ଗଣମାଧ୍ୟମ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର ,୨୪।୬ (ନି.ପ୍ର): ଓଡ଼ିଶା ବିଧାନସଭା ପରସରରେ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ ୩୬ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭା ପ୍ରାଙ୍ଗଣରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ ରାଜନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉପବାଚ ସ୍ପତି ଶ୍ରୀ ର ଜନୀ କାନ୍ତ ସିଂହ, ସରକାର ଦଳ ମୁଖ୍ୟ ସଚେତକ ଶ୍ରୀ ମତୀ ପ୍ରମିଳା ମଲ୍ଲିକ, ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି ଓ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ପ୍ରମୁଖ ମଧ୍ୟ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଡକ୍ଟର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧନା

ଡେଲାଙ୍ଗ,୨୪।୬ (ନି.ପ୍ର): ପରିବେଶ,ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସମାଜ ସେବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ,ନିରାପତ୍ତା, ଏବଂ ଅଧିକାର ନେଇ କାର୍ଯ୍ୟ ଯାରୀ ରଖିଥିବା ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରିବାର ପକ୍ଷରୁ ମହାମାରୀ କରୋନା କୋଭିଡ-୧୯ ମୁକାବିଲାରେ ଉଲ୍ଲେଖନୀୟ ଅବଦାନ ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧି

ଗୁରୁବାର,୨୫ ଜୁନ୍ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜଳ ସମ୍ପଦ ମନ୍ତ୍ରୀଙ୍କ ବନ୍ୟା ନିୟନ୍ତ୍ରଣ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୪।୬ (ନି.ପ୍ର): ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଓ ଏହାର ନିୟନ୍ତ୍ରଣ ସଂପର୍କରେ ଏକ ବୈଠକ ଆଜି ପୂର୍ବାହ୍ନରେ ସ୍ଥାନୀୟ ରାଜୀବ ଭବନ ସ୍ଥିତ ଜଳ ସଂପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଅଧ୍ୟକ୍ଷତା କରି ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ । ଆଗକୁ ମୌସୁମୀ ଜନିତ ବର୍ଷା, ଲଘୁଚାପ ବା ବାତ୍ୟା ହେଲେ ଅଧିକ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳ ସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏଥିପାଇଁ ମନ୍ତ୍ରୀ ଶ୍ରୀ ଦାସ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିବା ସହିତ କହିଲେ ଯେ, ଜଳ ସଂପଦ ବିଭାଗର ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ବନ୍ୟା ନିୟନ୍ତ୍ରଣ ସଂପର୍କରେ ସେମାନଙ୍କର ରହିଥିବା ଅଭିଜ୍ଞତାକୁ ପାଥେୟ କରି ସତର୍କତା ଓ ସଜାଗ ହୋଇ କାର୍ଯ୍ୟ କରନ୍ତୁ, ଯେପରି ବନ୍ୟା ସ୍ଥିତି ଉପୁଜିଲେ ଲୋକମାନଙ୍କର ଧନଜୀବନ କ୍ଷତି ହେବ ନାହିଁ । ବିଭାଗୀୟ ସବୁ ଡିଭିଜନ କାର୍ଯ୍ୟାଳୟର ଯନ୍ତ୍ରୀ ଓ କର୍ମଚାରୀମାନଙ୍କୁ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ସୂଚନା ସରବରାହ ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ । ସୂଚନା ଯୋଗ୍ୟ ଯେ, ଇତି ମଧ୍ୟରେ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଥିବାରୁ ଜୁନ୍ ୨୫ ତାରିଖରୁ ଜଳ ଭଣ୍ଡାରରୁ ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଜଳ ନିଷ୍କାସନ କରାଯାଉଛି । ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ରକୁମାର ଯୋଗଦେଇ ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ ବିଭାଗୀୟ ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ । ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ , ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଥାଉକି, ପୂର୍ବରୁ ଦୁର୍ବଳ ନଦୀବନ୍ଧ ସ୍ଥାନଗୁଡିକୁ ଚିହ୍ନଟ କରାଯାଇ ଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗର ବିଭିନ୍ନ ସ୍ତରରେ ଥିବା ବିଭାଗୀୟ ଯନ୍ତ୍ରୀମାନଙ୍କ ଦ୍ୱାରା ତଦାରଖ କରାଯାଇ ଆବଶ୍ୟକ ମରାମତି କରାଯାଇଛି ।

ପରିବାର ଲୋକଙ୍କ ଅବହେଳାରୁ ବୟସ୍କ ବ୍ୟକ୍ତିଙ୍କର କରୋନାରେ ମୃତ୍ୟୁ ହେଉଛି : ସୁବ୍ରତ ବାଗଚୀ



ଭୁବନେଶ୍ୱର,୨୪।୬ (ନି.ପ୍ର): କରୋନାରେ ଓଡ଼ିଶାରେ ବର୍ତମାନ ସୁଦ୍ଧା ୧୭ ଜଣଙ୍କ ପ୍ରାଣ ଯାଇଛି । ସେଥିରୁ ୯ ଜଣଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ । ସେମାନଙ୍କ ଭିତରୁ ୬ ଜଣଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ । ମୃତ୍ୟୁ ବରଣ କରିଥିବା ବୟସ୍କଙ୍କ ପରିବାର ଲୋକଙ୍କ ଅସାବଧାନତାରୁ ଏପରି ଘଟିଲା ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ କୋଭିଡ୍ ୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗ୍‌ଚୀ । ତେଣୁ ପରିବାରର ବୟସ୍କଙ୍କ ଯତ୍ନ ନେବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି କରୋନା ସଂକ୍ରମଣରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ଆସନ୍ତା ସପ୍ତାହ ଭାରତ ତୃତୀୟ ସ୍ଥାନକୁ ଚାଲିଯିବ ବୋଲି ଆଶା କରାଯାଉଛି । ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ କରୋନା ହୁ ହୁ ହୋଇ ବ୍ୟାପିବାରେ ଲାଗିଛି । ଓଡ଼ିଶାରେ ୫୦୦୦ରୁ ଅଧିକ ସଂକ୍ରମିତ ହୋଇସାରିଲେଣି । ଜୁଲାଇ ଶେଷ ସୁଦ୍ଧା ଭାରତ ଓ ଓଡ଼ିଶାରେ କଣ ହେବା ତାହା ସଠିକ୍ ଭାବେ କହିହେବନି । ଏପରି ସମୟରେ ଘରର ବୟସ୍କ ବ୍ୟକ୍ତିଙ୍କୁ ଆମକୁ ଘଂଟ ଘୋଡାଇ ରଖିବାକୁ ପଡ଼ିବ । ତାଙ୍କୁ ବିପଦକୁ ଠେଲିବା ନାହିଁ କି ସେମାନଙ୍କ ମୃତ୍ୟୁର କାରଣ ହେବା ନାହିଁ । ଏଥିପାଇଁ ଅମ ସମସ୍ତଙ୍କୁ ୧୦ଟି ଦିଗକୁ ପାଳନ କରିବାକୁ ପଡ଼ିବ । ପ୍ରଥମେ ବୟସ୍କ ବ୍ୟକ୍ତିଙ୍କ ପାଖକୁ ଗଲା ବେଳେ ମାସ୍କ ପିନ୍ଧିବା ଉପରେ ଜୋର ଦେବା । ସେହିପରି ବୟସ୍କ ସେବା କରିବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ , ବୟସ୍କଙ୍କ ବ୍ୟବହାର କରୁଥିବା ଜିନିଷ ତଥା-ଆଶ୍ରାବାଡ଼ି, ମୋବାଇଲ ପ୍ରମୁଖ ନିୟମିତ ପରିଷ୍କାର ରଖନ୍ତୁ , ବନ୍ଧୁ ଓ ବାନ୍ଧବଙ୍କୁ ଘରକୁ ଡାକନ୍ତୁ ନାହିଁ , ବୟସ୍କ ସାଙ୍ଗରେ ରହୁଥିଲେ ଦୂରତା ରକ୍ଷା କରନ୍ତୁ , ବୟସ୍କଙ୍କୁ ଅଯଥାରେ ମେଡିକାଲ୍, କ୍ଲିନିକ ନିଅନ୍ତୁନି , ବୟସ୍କଙ୍କୁ ଟ୍ରେନ୍, ଉଡାଯାହାଜ ଓ ବସ୍ ରେ ଯାତ୍ରା କରିବାକୁ ଦିଅନ୍ତୁ ନାହିଁ ,ନିଜେ ବାହାରକୁ ଯାଆନ୍ତୁ ନାହିଁ । ଘର ଭିତରକୁ ପଶିବା ପୂର୍ବରୁ ପରିଷ୍କାର ପରିଚ୍ଛନ୍ନ ହୁଅନ୍ତୁ , ବୟସ୍କଙ୍କ ଶାରୀରିକ ଓ ମାନସିକ ହିତ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଜ୍ୱର, ଶ୍ୱାସ କଷ୍ଟର ଲକ୍ଷଣ ଦେଖିଲେ ୧୦୪ରେ ଯୋଗାଯୋଗ କରନ୍ତୁ ବୋଲି ଶ୍ରୀ ବାଗଚୀ ପରାମର୍ଶ ଦେଇଛନ୍ତି ।

ନୀଳଗିରି ତହସିଲଦାର ଘାଟଘରସାହି ନିକଟରେ ଗାଡି ଚେକିଂ

ନୀଳଗିରି,୨୪।୬ (ନି.ପ୍ର): ଆଜି ଅପରାହ୍ନରେ ନୀଳଗିରି ତହସିଲଦାର ଅଶେଷ ନାୟକ ,ଆରଟିଓଙ୍କ ପକ୍ଷରୁ ଜୁନିୟର ଏମଭିଆଇ ଙ୍କ ଦେବାଶିଷ ମଲ୍ଲିକ, ଟ୍ରାଫିକ ଇନିସପେକ୍ଟର ସୁକୁମାର ସୋରେନ , ନୀଳଗିରି ପୋଲିସ ପକ୍ଷରୁ ଏଏସଆଇ ଶତର ଧଳ ଓ କର୍ମଚାରୀ ଉପସ୍ଥିତିରେ ନୀଳଗିରି - ଉଦଳା ୧୯ ନଂ ରାଜ୍ୟ ରାଜପଥ ପୋଡାଶୂଳ ଛକ ନିକଟରେ ମାଲ ପରିବହନ କରୁଥିବା ବିଭିନ୍ନ ଗାଡିର କାଗଜପତ୍ର, ଇଣ୍ଡିକେଟର, ଲାଇଟ, ଲାଇସେନ୍ସ ଚେକିଂ କରାଯାଇ ୪ଟି ଗାଡିରୁ କେଶ କରାଯାଇଥିବା ଜଣାପଡିଛି । ଏହି ଖବର ପ୍ରଚାରିତ ହେବାକ୍ଷଣି ଗାଡି ମାଲିକ ମାନଙ୍କ ମଧ୍ୟରେ ଛନକା ପଶିଛି ।

ଜଳେଶ୍ୱର ବ୍ଲକ୍‌ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଘୋଟାଳା

ଜଳେଶ୍ୱର,୨୪।୬ (ନି.ପ୍ର): ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପରେ ଯୋଜନା ପ୍ରସ୍ତୁତ କରି ଚାଲିଥିବାର ବେଳେ ପ୍ରକୃତ ହିତାଧିକାରୀ ସେଥିରୁ ବଂଚିତ ହେଉଛନ୍ତି । ମାତ୍ର ଏହାର ବ୍ୟତିକ୍ରମ ଦେଖା ଦେଇଛି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଡିପି ପୁର ପଂଚାୟତରେ । ୨୦୨୦-୨୧ ମସିହା ପାଇଁ ସରକାରଙ୍କ ଚିଠି ନଂ ୧୨୧୭ ତା ୧୭-୬-୨୦ ଅନୁଯାଇ ପ୍ରଧାନମନ୍ତ୍ରୀ ଆବସ ଯୋଜନା ରେ ହିତାଧିକାରୀ ଚୟନ ସକାଶେ ଦକ୍ଷଣ ପ୍ରହରାଜପୁର ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ ଚନ୍ଦ୍ର ପ୍ରଧାନ, ଶିକ୍ଷକ ରାଜେନ୍ଦ୍ର ନାଥ ନାୟକ ଏବଂ ଅଂଗନୱାଡି କର୍ମୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ଉପରୋକ୍ତ କର୍ମଚାରୀଙ୍କ ଦ୍ୱାରା ଚୟନପ୍ରକ୍ରିୟା କରା ନଯାଇ ଗ୍ରାମପଂଚାୟତର ସରପଂଚଙ୍କ ହାତବାରିସୀରେ କେତେକ ଦଳୀୟ ସଭ୍ୟ ଓ ୟୁଥ୍ ଜାଗ୍ରତ କୁମାର ଘୋଷ ଦ୍ୱାରା ଚୟନ ପ୍ରକ୍ରିୟା କରାଯାଉଥିବାର ଗ୍ରାମର ନେପାଳ ଚନ୍ଦ୍ର ବେହେରା, କାର୍ତ୍ତିକ କୁମାର ସେଠୀ, କଳମ ଲୋଚନ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି । ଯଥାଶୀଘ୍ର ସଠିକ୍ ଚୟନ କରାଯିବାକୁ ସେମାନେ ବିଡିଓ ଦିପ୍ତିରଂଜନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ବାଲେଶ୍ୱରର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୩

ଅନଲକ୍-୧ ପରବର୍ତ୍ତୀ ନିର୍ଦ୍ଦେଶକୁ ନେଇ ଉତ୍ସୁକତା

ବାଲେଶ୍ୱର,୨୪।୬ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲଥିବା କରୋନା ସଂକ୍ରମଣ ସମସ୍ତଙ୍କ ପାଇଁ ଉଦବେଗର ବିଷୟ ହୋଇଥିବା ବେଳେ ଶେଷ ହୋଇ ଆସୁଥିବା ସରକାରଙ୍କ ଅନଲକ୍-୧ର ଅବଧି ପରର ପଦକ୍ଷେପକୁ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି । ଆଜି ରାଜ୍ୟରେ ଚିହ୍ନଟ ହୋଇଥିବା ୨୮୨ଜଣଙ୍କୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୫୭୫୨ଛୁଇଁଥିବା ବେଳେ ଅନୁରୂପ ଭାବେ ଓଡ଼ିଶାରେ ଅରୋଗ୍ୟ ହାର ମଧ୍ୟ ବୃଦ୍ଧି ଅପାଇଛି । ଅଜି ୩୧୫ ଜଣଙ୍କୁ ମିଶାଇ ଏବେ ସୁଦ୍ଧା ୪୧୨୩ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଅଦ୍ୟାବଧି ରାଜ୍ୟରେ ମୋଟ ୧୭ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ନେଇ ସରକାରୀ ସ୍ତରରେ ସୂଚନା ଦିଆଯାଉଥିଲେ ବି କରୋନା ସଂକ୍ରମିତ ଥାଇ ଅନ୍ୟରୋଗରେ ଏବେ ମୋଟ୍ ୧୬୦୫ ଜଣ ସଂକ୍ରମିତ ଏବେ ଚିକିତ୍ସିତ ହେଉଛନ୍ତି । ସେହିଭଳି ବାଲେଶ୍ୱରରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ମଧ୍ୟ ଜିଲ୍ଲା ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ଆଜି ନୂଆ ଚିହ୍ନଟ ୩ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାରେ ସକ୍ରମିତଙ୍କ ସଂଖ୍ୟା ୩୨୩ ରେ ପହଞ୍ଚିଛି । ଅଦ୍ୟାବଧି ଜିଲ୍ଲାରେ ଆଜି ୭ ଜଣଙ୍କୁ ମିଶାଇ ଆଜି ସୁଦ୍ଧା୨୧୫ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏବେ ୧୦୭ଜଣ ଏକ୍ଟିଭ୍ କରୋନା ସଂକ୍ରମିତଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ୪ଟି ପର୍ଯ୍ୟାୟ ଲକ୍ ଡାଉନ୍ ପରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଅନଲକ୍-୧ର ଅବଧି ଆସନ୍ତା ୩୦ ତାରିଖରେ ଶେଷ ହେଉଛି । ଜୁଲାଇ ୧ ତାରିଖରୁ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଆଉ କେଉଁ ନିର୍ଦ୍ଦେଶ ଆସିବ ତାହାକୁ ନେଇ ସବୁଠି ଉତ୍ସୁକତା ବୃଦ୍ଧି ପାଇଛି । ଧର୍ମୀୟ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସବୁ ବନ୍ଦ ରହିଥିବା ବେଳେ ସାମାଜିକ, ସାଂସ୍କୃତିକ, ରାଜନୈତିକ କାର୍ଯ୍ୟକ୍ରମ ସବୁକୁ ମଧ୍ୟ ବନ୍ଦ କରାଯାଇଛି । ତେବେ ଜୁଲାଇ ମାସରେ ବ୍ୟାନ୍ ଥିବା ଅନୁଷ୍ଠାନ ଖୋଲିବ କି ନାହିଁ ତାହାକୁ ନେଇ ଆଶା ଓ ଆଶଙ୍କାରେ ଜନସାଧାରଣ ରହିଥିବା ଜଣାପଡ଼ିଛି । ତେବେ କରୋନା ସଂକ୍ରମଣ ରୋକିବା ପାଇଁ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷାକୁ ଗୁରୁତ୍ୱ ଦେବାକୁ ସବୁ ମହଲରୁ ନିବେଦନ କରାଯାଇଛି ।

ଓଡ଼ିଶା ଲୋକାୟୁକ୍ତ ୱେବ୍‌ସାଇଟ୍ ଲୋକାର୍ପିତ

ଭୁବନେଶ୍ୱର ,୨୪।୬ (ନି.ପ୍ର): ଲୋକାୟୁକ୍ତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଧବାର ଅପରାହ୍ନ ୧.୩୦ ଘଟିକା ସମୟରେ ଲୋକାୟୁକ୍ତଙ୍କ ସରକାରୀ ୱେବ୍‌ସାଇଟ୍ ଲୋକାର୍ପିତ ହୋଇଯାଇଛି । ଲୋକାୟୁକ୍ତ ଅଧ୍ୟକ୍ଷ ନ୍ୟାୟମୂର୍ତି ଶ୍ରୀ ଅଜିତ ସିଂହଙ୍କ ଦ୍ୱାରା ଏହି ୱେବ୍‌ସାଇଟ୍ ଲୋକାର୍ପିତ କରାଯାଇଥିଲା । ଏହି ୱେବ୍‌ସାଇଟ୍ କାଯର୍‌ୟକ୍ଷମ ହେବା ଦ୍ୱାରା ଜନସାଧାରଣ ଲୋକାୟୁକ୍ତ, ଓଡ଼ିଶାଙ୍କ କାର୍ଯ୍ୟ ସମ୍ବନ୍ଧରେ ସବିଶେଷ ସୂଚନା ପାଇବା ସହ ଅଭିଯୋଗକାରୀମାନେ ତାଙ୍କ ଦ୍ୱାରା ଦାଏର କରାଯାଇଥିବା ଅଭିଯୋଗର ସ୍ଥିତାବସ୍ଥା ଏବଂ ଲୋକାୟୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆଦେଶ ସଂପର୍କରେ ତଥ୍ୟ ପ୍ରାପ୍ତ କରିପାରିବେ । ଏତଦ୍‌ବ୍ୟତୀତ ଲୋକାୟୁକ୍ତଙ୍କ ନିକଟରେ ଦାଏର ହୋଇଥିବା ଅଭିଯୋଗ ଗୁଡ଼ିକର ଶୁଣାଣି ଜାଣିବା ସମ୍ବନ୍ଧରେ ଅଭିଯୋକାରୀ ଏବଂ ପ୍ରତିପକ୍ଷମାନେ ତଥ୍ୟ ଜାଣିପାରିବେ । ଏହି ୱେବ୍‌ସାଇଟ୍‌କୁ ଜନସଧାରଣ http://lokayukta.odisha.gov.in ଠିକଣାରେ ବ୍ୟବହାର କରି ଆବଶ୍ୟକୀୟ ତଥ୍ୟ ପାଇପାରିବେ । ଭୁବନେଶ୍ୱର ଏନ୍‌ଆଇସି ଦ୍ୱାରା ଏହି ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି । ଉତ୍ସବରେ ଲୋକାୟୁକ୍ତ ସଦସ୍ୟ ଜଷ୍ଟିସ୍ ବିଜୟ କୁମାର ନାୟକ, ଡା. ଦେବବ୍ରତ ସ୍ୱାଇଁ, ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା, ଲୋକାୟୁକ୍ତ ସଚିବ ମାନସ କୁମାର ତ୍ରିପାଠୀ, ଏନ୍‌ଆଇସି, ଭୁବନେଶ୍ୱରର ବୈଷୟିକ ନିର୍ଦ୍ଦେଶକ ହରପ୍ରସାଦ ଦାସ, ଏନ୍‌ଆଇସିର ଜେନେରାଲ୍ ମ୍ୟାନେଜର ସମିତ କୁମାର ପାତ୍ର, ନିର୍ଦ୍ଦେଶକ, ତଦନ୍ତ ତ୍ରିଲୋଚନ ପ୍ରଧାନ, ନିର୍ଦ୍ଦେଶକ, ଅଭିଯୋଜନ ଦେବୀଦତ ଦାସ ମହାପାତ୍ର, ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀ, ବିତ ଅଧିକାରୀ ଶ୍ରୀ ଶିଖା ବିଶ୍ୱାଳ, ଉପସଚିବ ବିଜୟଲକ୍ଷ୍ମୀ ଜେନା ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଧାନକିଣରେ ଅନିୟମିତତା ଅଭିଯୋଗ : ଧାନବୋଝେଇ ଟ୍ରକ୍‌କୁ ଅଟକାଇଲେ ଚାଷୀ

ଜଳେଶ୍ୱର,୨୪।୬(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଅଲାଲପୁର ସେବା ସମବାୟ ସମିତିର ୨ୟ ଧାନକ୍ରୟ କେନ୍ଦ୍ର ସୁଗୋଠାରେ ଚାଲୁଥିବା ବେଳେ ସେଠାରେ କେତେକ ଅନିୟମିତତକୁ ଲକ୍ଷ୍ୟକରି ସ୍ଥାନୀୟ ଚାଷୀମାନେ ଖନ୍ତାପଡାସ୍ଥିତ ମିଲ୍‌କୁ ଯିବାକୁ ଥିବା ଧାନବୋଝେଇ ଟ୍ରକକୁ ଅଟକାଇଥିଲେ । ଗତ କିଛିଦିନ ଧରି ଏହି ଧାନ କ୍ରୟ କେନ୍ଦ୍ରରେ ବିନା ଟୋକୟଧାରୀ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଥିବା ସହିତ ପୂର୍ବରୁ ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ କ୍ରୟ କରା ନଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ସମସ୍ୟା ସଂପର୍କରେ ସେବା ସମବାୟ ସମିତିର ସଂପାଦକ ଜୟନ୍ତ କୁମାର ପଣ୍ଡାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନଥିଲା । ସପନ ଦାସ, ନୃସିଂହ ପରିଡା, କାର୍ତ୍ତିକ ଜେନା, ରାଜକିଶୋର ଭୂୟାଁ, ଗୌତମ ପାତ୍ର, ସଂଜିବ ଦେ, ଜଗନ୍ନାଥ ଦେ ପ୍ରମୁଖ ଚାଷୀ ଏହି ସମସ୍ୟାର ସମାଧାନ କରିବାକୁ ଦୃଢ ଦାବି କରିଛନ୍ତି । ନଚେତ୍ ଆନ୍ଦୋଳନର ରାସ୍ତା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି ।

ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ 'ମୋନା'ର ଆଲୋଚନାଚକ୍ର

ବାଲେଶ୍ୱର,୨୪।୬ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ'(ମୋନା), ବାଲେଶ୍ୱର ଶାଖା ପକ୍ଷରୁ ଓଡ଼ିଶାର ମହାନ ଜନନାୟକ ତଥା ଭୂତପୂର୍ବ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୩୭ତମ ଶ୍ରାଦ୍ଧବାର୍ଷିକ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ 'ନବକୃଷ୍ଣ ଚୌଧୁରୀ ଓ ସାଂବିଧାନିକ ସଂଗଠନ' ଶୀର୍ଷକ ଆଲୋଚନାଚକ୍ରରେ ବରିଷ୍ଠ ଏଡ୍‌ଭୋକେଟ୍ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆସନ୍ତା ୨୬ତାରିଖ ଦିନ 'ଅର୍ନ୍ତରାଷ୍ଟ୍ରୀୟ ନିଶା ସେବନ ନିରୋଧ ଦିବସ'ରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । 'ଫକୀରମୋହନ ସାହିତ୍ୟ ପରିଷଦ'ର ସଭାପତି ଡ. ଶିରୀଶଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟ ବିଧାନ ସଭାରେ ଜନସ୍ୱାର୍ଥ ପାଇଁ କିପରି ପ୍ରଥମେ ଓଡ଼ିଆକୁ ସରକାରୀ ଭାଷା କରିବା ଓ ନିଶା ନିବାରଣ ଆଇନ୍ ପ୍ରଣୟନ ସାଙ୍ଗକୁ କୃଷକମାନଙ୍କ ପାଇଁ ଭୂ-ସଂସ୍କାର ଆଣିଥିଲେ ବୋଲି ବର୍ଣ୍ଣନା କରି ତାଙ୍କ ବ୍ୟକ୍ତିତ୍ୱ ସମଗ୍ର ଭାରତରେ ଅତୁଳନୀୟ ବୋଲି ଅଭିହିତ କରିଥିଲେ । ଅନ୍ୟତମ ବକ୍ତା ଶ୍ରମିକନେତା ▶▶ପୃଷ୍ଠା ୭

ପୋଷ୍ଟାଲ ନିର୍ଦ୍ଦେଶକଙ୍କ ଜିଲ୍ଲା ମୁଖ୍ୟ ଡାକଘର ପରିଦର୍ଶନ

ବାଲେଶ୍ୱର,୨୪।୬ (ନି.ପ୍ର): ଓଡ଼ିଶା ଡାକ ପରିମଣ୍ଡଳର ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ ଆଜି ବାଲେଶ୍ୱର ପ୍ରଧାନ ଡାକ ଘର ପରିଦର୍ଶନ କରିଛନ୍ତି । ସେ ଭୁବନେଶ୍ୱରରୁ ଆସି ପ୍ରଧାନ ଡାକଘରେ ପହଞ୍ଚି ଉପସ୍ଥିତ ସମସ୍ତ କର୍ମଚାରୀଙ୍କ ସହିତ ଡାକ ବିଭାଗର କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଆଲୋଚନା ବେଳେ ବାଲେଶ୍ୱର ପୋଷ୍ଟାଲ ଡିଭିଜନର ସୁପରିନଟେଣ୍ଡେଣ୍ଟ ବାଳକୃଷ୍ଣ କର, ସହ ଅଧୀକ୍ଷକ ରବିନାରାୟଣ ବେହେରା, ପୋଷ୍ଟ ମାଷ୍ଟର ଉମାକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନା ପରେ ପୋଷ୍ଟ ଅଫିସ ସମ୍ମୁଖରେ ଥିବା ପାର୍କରେ ବୃକ୍ଷ ରୋପଣ କରିଥିଲେ ଓ କରୋନା ସମ୍ପର୍କରେ ନିଆଯାଇଥିବା ପ୍ରତିଷେଧକ ବ୍ୟବସ୍ଥା ବୁଲି ଦେଖିଥିଲେ । ଡାକ ବିଭାଗର ବିଭିନ୍ନ ବ୍ୟବସାୟିକ କାର୍ଯ୍ୟଧାରାର ଉନ୍ନତି ପାଇଁ କର୍ମଚାରୀମାନଙ୍କର ମନୋବଳ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଦେଶକଙ୍କ ପରିଦର୍ଶନ କାର୍ଯ୍ୟକ୍ରମରେ ଡାକ ନିରୀକ୍ଷକ ସପନ କ